ବର୍ଷ-୨୫, ସଂଖ୍ୟା-୧୬୩
ଭୁବନେଶ୍ୱର
୧୫, ଜୁନ୍, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 163
Bhubaneswar
15, June, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଛୁଟି ଘୋଷଣା
ଓଡ଼ିଶାର ଗଣପର୍ବ ରଜ ସଂକ୍ରାନ୍ତି ଅବସରରେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୮ ତାରିଖରେ ପ୍ରକାଶ ପାଇବ।
- ପରିଚାଳକ

## ୨୦ରେ ଆସିବେ ମୋଦି

**ଭୁବନେଶ୍ୱର,୧୪।୬(ମହାଭାରତ) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରକୁ ଏକ ବର୍ଷ ପୂରିଛି। ଜୁନ୍ ୧୨ରୁ ୨୦ତାରିଖ ପର୍ଯ୍ୟନ୍ତ ବର୍ଷ ପୂର୍ତ୍ତି ପାଳନ ହେଉଛି। ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ଗସ୍ତ ସମୟରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଶୁକ୍ରବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହିତ କ୍ୟାବିନେଟ ମନ୍ତ୍ରୀଗଣ ଏବଂ ଜିଲା ସଭାପତିଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜୁନ୍ ୨୦ ଅପରାହ୍ଣ ୨ଟାରେ ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀରୁ



ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ରୋଡ୍ ଶୋ'ରେ ବାହାରିବେ। ପରେ ପ୍ରଧାନମନ୍ତ୍ରୀ ମୋଦୀ ବର୍ଷ ପୂର୍ତ୍ତି ସଭାରେ ଉପସ୍ଥିତ ହୋଇ ଶ୍ରୀ ମାଝୀଙ୍କ ସରକାରର ସଫଳତା ବଖାଣିବେ। ରାଜ୍ୟ ସରକାର ଏବଂ ବିଜେପି ସଙ୍ଗଠନ ପକ୍ଷରୁ ଏକବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛନ୍ତି। ଏଥିପାଇଁ ଜନତା ମଇଦାନରେ ବ୍ୟାପକ ଭାବେ ପ୍ରସ୍ତୁତି ହୋଇଥିବାବେଳେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବାକୁ ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସରକାର ଏକ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିଥିବା ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ଯୋଜନା ଏବଂ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କ ସମ୍ମୁଖରେ ରଖିପାରନ୍ତି। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ବିଭାଗର ରିପୋର୍ଟ କାର୍ଡ, ବିଷୟବସ୍ତୁ ଡକ୍ୟୁମେଣ୍ଟାରୀ, ମହିଳା ସଶକ୍ତୀକରଣ, ନିଯୁକ୍ତି, ଯୁବ ବିକାଶ, ଆଦିବାସୀ କଲ୍ୟାଣ ଏବଂ କୃଷକ ପାଇଁ ହୋଇଥିବା ଯୋଜନାଗୁଡ଼ିକ ପ୍ରଦର୍ଶିତ କରାଯିବ।

## ଡାଇରିଆ ସ୍ଥିତିରେ ସୁଧାର

**ଭୁବନେଶ୍ୱର,୧୪।୬(ମହାଭାରତ):** ଯାଜପୁର ଜିଲ୍ଲାରେ ଦେଖାଦେଇଥିବା ଭୟଙ୍କର ଝାଡ଼ାବାନ୍ତି ଓ ହଇଜା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରରୁ ଏକ ୧୪ ଜଣିଆ ବିଶେଷଜ୍ଞ ଦଳ ଆଜି ଆସି ଏଠାରେ ପହଞ୍ଚିଛନ୍ତି। ସେମାନେ ଆସନ୍ତାକାଲି ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିବେ। ଏହି କମିଟିରେ ଆଇସିଏମ୍ଆର, ଏନ୍‌ସିଡିସି, ଡବ୍ଲୁଏଚଓ ଓ ଖାଦ୍ୟ ନିରାପତ୍ତା ସଦସ୍ୟଙ୍କ ସହ ଅନ୍ୟାନ୍ୟ ବିଶେଷଜ୍ଞମାନେ ଆସିଛନ୍ତି।

ସ୍ୱାସ୍ଥ୍ୟ ଟିମ୍‌ରେ ଆଂଚଳିକ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଡାକ୍ତର ନିଲମ୍ ସୋମାଲକର , ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡାକ୍ତର ଶିବାନୀ ଲାହିରି, ଭୁବନେଶ୍ୱର ଏମ୍ସର ମାଇକ୍ରୋଲୋଜିଷ୍ଟ ପ୍ରଫେସର ଡାକ୍ତର ସୃଜନ ମହାନ୍ତି, ଶିଶୁରୋଗ ପ୍ରଫେସର ଡାକ୍ତର ଭାଗିରଥୀ ଦ୍ୱିବେଦୀ , କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ଡାକ୍ତର ସତ୍ୟଜିତ ସୁବୁଦ୍ଧି, କୋଲକାତା ସ୍ଥିତ ଭାରତୀୟ ଭେଷଜ ଗବେଷଣା କେନ୍ଦ୍ରର ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପ୍ରେମଜିତ୍ ଘୋଷ ଏବଂ ଡାକ୍ତର ଗୌତମ ଚୌଧୁରୀ ପ୍ରମୁଖ ଅଛନ୍ତି। ଖାଦ୍ୟ ନିରାପତ୍ତା ଟିମ୍ ରେ କୋଲକାତା ସ୍ଥିତ ଜାତୀୟ ଖାଦ୍ୟ ଗବେଷଣାଗାରର ଡାକ୍ତର ଗୀତାଞ୍ଜଳି ଶର୍ମା, ବୈଷୟିକ ଅଧିକାରୀ ମିସ ନୟନା, ଏଫ୍ ଏସ୍ ଏସ. ଏ.ଆଇ ର ପୂର୍ବାଂଚଳ ଉପ-ନିର୍ଦ୍ଦେଶକ ଡାକ୍ତର ଶଶିକାନ୍ତ ଭୂୟାଁ ପ୍ରମୁଖ ସଦସ୍ୟ ଅଛନ୍ତି।

ଏଫ୍. ଏସ. ଏସ. ଏ. ଆଇ ର ସ୍ୱତନ୍ତ୍ର ଟିମରେ ନିର୍ଦ୍ଦେଶକ ସ୍ୱାତି



ବେହେରା, ସହ-ନିର୍ଦ୍ଦେଶକ ସୋନିକା ବର୍ମା, ସହ-ନିର୍ଦ୍ଦେଶକ ପ୍ରସନ୍ନ ସିଂହ ଏବଂ ଉତରାଞ୍ଚଳ କେନ୍ଦ୍ରୀୟ ଖାଦ୍ୟ ନିରାପତା ଅଧିକାରୀ ନନ୍ଦିତା ଦାସ ପ୍ରମୁଖ ସଦସ୍ୟ ଅଛନ୍ତି । ଏହି କମିଟିମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନ ସ୍ୱାସ୍ଥ୍ୟ ସ୍ଥିତି ପରଖିବା ସହ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ ବୋଲି ଜଣା ପଡ଼ିଛି।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ୍ୟ ଆସନ୍ତାକାଲି ଯାଜପୁର ଜିଲ୍ଲା ଗସ୍ତରେ ଯାଇ ପରିସ୍ଥିତିର ଅନୁଧ୍ୟାନ କରିବେ। ଏହି ପରିସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ବର୍ତ୍ତମାନ ତାହା ନିୟନ୍ତ୍ରଣରେ ରହିଛି ବୋଲି ସରକାରୀ ଭାବେ କୁହାଯାଉଛି।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଯାଜପୁର, ଭଦ୍ରକ, କେନ୍ଦୁଝର ପରେ କଟକ ଜିଲ୍ଲାରେ ଝାଡ଼ାବାନ୍ତି ଦେଖାଦେଇଛି। କଟକ ସଦରର ଝିଙ୍କିରିଆ ଗ୍ରାମ ପଂଚାୟତରେ ବି କିଛି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଯାଜପୁରର ୮ ଜଣଙ୍କୁ ଛାଡ଼ି ଆଉ କୌଣସି ରୋଗୀଙ୍କ ନମୁନାରେ କଲେରା ଚିହ୍ନଟ ହୋଇନାହିଁ। କେନ୍ଦ୍ରରୁ ୧୪ ଜଣିଆ ଟିମ ଆସି ଆସନ୍ତାକାଲି ଘଟଣା ସ୍ଥଳ ପରିଦର୍ଶନ କରିବେ। ଇତିମଧ୍ୟରେ ଯାଜପୁରରୁ ୨୧୩ ଜଣ ରୋଗୀ ଆକ୍ରାନ୍ତ ହେଉଛନ୍ତି। ସେଥିମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଅଟୋପସି ରିପୋର୍ଟକୁ ଅପେକ୍ଷା କରାଯାଇଛି। ସଂଗୃହିତ ନମୁନାରୁ ବିଷାକ୍ତ ଜଳର ପ୍ରମାଣ ମିଳିଛି। ସେହିପରି ଖାଦ୍ୟ ବି ବିଷାକ୍ତ ଥିବା ଜଣା ପଡ଼ିଛି। ଯାହାକୁ ଯାଂଚ କରୁଛି ଖାଦ୍ୟ ସୁରକ୍ଷା ବିଭାଗ।

ଯାଜପୁର ଜିଲ୍ଲାର ଡାଇରିଆ ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି। ଆଜି ବିଭିନ୍ନ ହସ୍ପିଟାଲରେ ନୂଆ ରୋଗୀଙ୍କ ଆଡମିଶନ ସଂଖ୍ୟା ବହୁ ପରିମାଣରେ କମିଛି, ଏବଂ ନୂଆ ଅଂଚଳ କଲେରାରେ ପ୍ରଭାବିତ ହୋଇଥିବାର ସୂଚନା ମିଳିନାହିଁ। ଗତକାଲି ସୁଦ୍ଧା ଯେଉଁମାନେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ବଡ଼ ମେଡିକାଲରେ ଆଡମିଶନ ହୋଇଥିଲେ ସେମାନେ ଧିରେ ଧିରେ ଆରୋଗ୍ୟ ଲାଭ କରି ଘରକୁ ଫେରୁଛନ୍ତି । ଭଦ୍ରକ ଓ କଟକ ଜିଲ୍ଲାରେ କାଁ ଭାଁ କେତେକ ଘଟଣା ଘଟିଥିଲେ ମଧ୍ୟ ତାହା ସାଧାରଣ ଏବଂ ଗୁରୁତର ଜନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କଟକ ଜିଲ୍ଲା ଆଠଗଡରେ ଝାଡାବାନ୍ତିରେ ୫ଜଣ ଆକ୍ରାନ୍ତ ହୋଇଥିବା ବେଳେ ବାଙ୍କୀ ଅଞ୍ଚଳରେ ମଧ୍ୟ ୨୯ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ହେଲଥ ଟିମ୍, ରାପିଡ୍ ଆକ୍ସନ ଟିମ୍, ଜନସ୍ୱାସ୍ଥ୍ୟ ଟିମ୍‌କୁ ନେଇ ଏକ କଂଟ୍ରୋଲ ରୁମ ୨୪ ଘଂଟା କାର୍ଯ୍ୟ କରୁଛି । ତୃଣମୂଳସ୍ତରୀୟ କର୍ମଚାରୀମାନେ ପୂର୍ଣ୍ଣ ସଜାଗ ଏବଂ ତତ୍ପରତାର ସହ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଛନ୍ତି। ଚବିଶ ଘଂଟିଆ ଭିତିରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି।

ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଏବଂ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ହସ୍ପିଟାଲ ମାନଙ୍କରେ ସଂକ୍ରମିତ ଲୋକମାନଙ୍କର ଚିକିତ୍ସା ତଦାରଖ କରିଥିଲେ। କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଅଧିକ ଲକ୍ଷ୍ୟଭେଦୀ କରିବା ନିମନ୍ତେ ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କ ତରଫରୁ ତିନୋଟି ଟିମ୍ ପଠାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଏକ ୭ ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶାକୁ ପଠାଯାଇଛି । ଠିକ୍ ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତା ଓ ଗୁଣବତା କର୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ତରଫରୁ ଏକ ୪ ଜଣିଆ ସ୍ୱତନ୍ତ୍ର ଖାଦ୍ୟ ଗୁଣବତା ଟିମ୍ ପଠାଯାଇଛି। ଏହି ତିନୋଟି ଟିମ୍‌ରେ ସମୁଦାୟ ୧୪ ଜଣ ଅଛନ୍ତି।

କଲେରା କେସ୍ ଚିହ୍ନଟ ପରେ ଆକ୍ସନରେ ଜିଲ୍ଲା ପ୍ରଶାସନ। ବାହାରର ଅସ୍ୱାସ୍ଥ୍ୟକର ଖାଦ୍ୟ ନ ଖାଇବାକୁ ଦେଇଛନ୍ତି ପରାମର୍ଶ। ରଜ ସମୟ ଥିବାରୁ ସାମୁହିକ ସମାବେଶ କି ଭୋଜି ନକରିବାକୁ ପରାମର୍ଶ ଦେଇଛି ଜିଲ୍ଲା ପ୍ରଶାସନ।

## ୧କୋଟି ୬ ଲକ୍ଷ ଲୁଟ୍ : ୨ ଗିରଫ

**ଭୁବନେଶ୍ୱର,୧୪।୬ (ମହାଭାରତ):** ଅଣ୍ଡର୍ୱାର୍ଲଡ୍ ଡନ୍ ଦାଉଦ୍ ଇବ୍ରାହିମ୍ ଓ ନୱାଜ୍ ମଲ୍ଲିକ ସହ ଭୁବନେଶ୍ୱରର ଜଣେ ବୈଜ୍ଞାନିକଙ୍କ ନାଁକୁ ଯୋଡ଼ିବା ସହ ଡିଜିଟାଲ୍ ଆରେଷ୍ଟ ଭୟ ଦେଖାଇ ସାଇବର ଠକ ତାଙ୍କଠୁ ୧ କୋଟି ୬ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଏହି ମାମଲାରେ କ୍ରାଇମ୍ବ୍ରାଞ୍ଚ୍ ପୁଲିସ ଗୁଜରାଟ ଭବନଗରରୁ ୨ ସାଇବର ଠକ ବାଘେଲା ଅରବିନ୍ଦ ସିହ୍ନା(୨୪) ଓ ଗୋହଲି ବିଶଭ୍ରାଜ ସିହ୍ନା ଓରଫ୍ ଭରତ ସିହ୍ନା(୨୪)କୁ ଗିରଫ କରିଛି। ୨୦୨୪ ଅଗଷ୍ଟ ୨୦ରେ ହୋଇଥିବା ଏହି ମାମଲାରେ ପୂର୍ବରୁ କ୍ରାଇମ୍ବ୍ରାଞ୍ଚ୍ କେରଳ ଓ ତାମିଲନାଡୁରୁ ୨ ଠକଙ୍କୁ ବାନ୍ଧିଥିଲାୟ ପୁଲିସ ସୂଚନାନୁଯାୟୀ ୨୦୨୪ ଅଗଷ୍ଟ ୯ରେ ଅଭିଯୋଗକାରୀ ବୈଜ୍ଞାନିକଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି(ସାଇବର ଠକ ଗ୍ୟାଙ୍ଗର ସଦସ୍ୟ) ନିଜକୁ ଡିଏଚ୍‌ଏଲ୍ କୋରିୟର୍ ସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେଇଥିଲା। ତାଙ୍କ ନାଁ ଓ ଆଧାରକାର୍ଡକୁ ବ୍ୟବହାର କରି ୫ଟି ପାସ୍ପୋର୍ଟ, ୩ଟି କ୍ରେଡିଟ୍ କାର୍ଡ, ୨୦୦ ଗ୍ରାମ୍ ଡ୍ରଗସ୍, ୪ କେଜି କପଡ଼ା, ଗୋଟିଏ ଲାପଟପ୍ ଓ ୩୫ ହଜାର ଟଙ୍କା ଜାପାନ ଯାଉଛି ବୋଲି ସେ କହିଥିଲା। ଡ୍ରଗସ୍ ଓ ପାସ୍ପୋର୍ଟ ଥିବାରୁ ପାର୍ସଲକୁ ନାର୍କୋଟିକ୍ ବିଭାଗ ସହ କଷ୍ଟମସ୍ ବିଭାଗ ଜବତ କରିଛି ବୋଲି ସେ କହିଥିଲା। ପରେପରେ ସେହି ବ୍ୟକ୍ତି ଫୋନ୍ କଲ ଡାଇଭର୍ଟ କରିଥିଲା ଏବଂ ମୁମ୍ବାଇ କ୍ରାଇମ୍ବ୍ରାଞ୍ଚ୍ ଅଧିକାରୀ କଥା ହେବେ ବୋଲି କହିଥିଲା। ସେପଟୁ କ୍ରାଇମ୍ବ୍ରାଞ୍ଚ୍ ଅଧିକାରୀ କହିଥିଲେ ଯେ ଜବତ ପାସ୍ପୋର୍ଟରୁ ଜଣାପଡ଼ିଛି କି ଅଣ୍ଡର୍ୱାର୍ଲଡ୍ ଡନ୍ ଦାଉଦ୍ ଇବ୍ରାହିମ୍ ଓ ନୱାଜ ମଲ୍ଲିକ ସହ ତାଙ୍କର ସମ୍ପର୍କ ଥିବା ପ୍ରମାଣ ମିଳିଛି। ତେଣୁ ତାଙ୍କୁ ଡିଜିଟାଲ୍ ଆରେଷ୍ଟ କରାଗଲା। ଏସବୁ ଶୁଣିବା ପରେ ବୈଜ୍ଞାନିକଙ୍କ ମୁଣ୍ଡ ଘୂରାଇ ଦେଇଥିଲା। ସେ ଭୟଭୀତ ହୋଇପଡ଼ିଥିଲେ ଏବଂ ସବୁ ମିଛ ବୋଲି କହିଥିଲେ। ଏହାପରେ ତାଙ୍କୁ ବ୍ୟାଙ୍କ୍ ଆକାଉଣ୍ଟର ତଥ୍ୟ ମଗାଯାଇଥିଲା।

## ଇରାନ ପରମାଣୁ ବିକିରଣ ଲିକ୍

**ତେହେରାନ,୧୪।୬:** ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ପରେ, ପ୍ରତ୍ୟେକ ମୁହୂର୍ତ୍ତରେ ଇରାନ ମୃତ୍ୟୁର ଦ୍ୱାରଦେଶରେ ଠିଆ ହେବାରେ ଲାଗିଛି। ଯଦିଓ ଇରାନ ପରମାଣୁ ବିକିରଣ ଲିକ୍ ହେବା କଥାକୁ ଅସ୍ୱୀକାର କରୁଛି, କିନ୍ତୁ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ) ଦ୍ୱାରା ଜାତିସଂଘକୁ ଦିଆଯାଇଥିବା ସୂଚନା ନେଇ ଆତଙ୍କ ସୃଷ୍ଟି ହୋଇଛି। ଇସ୍ରାଏଲ ଗୋଟିଏ ଦିନ ପୂର୍ବରୁ ଇରାନର



ନାଟାଞ୍ଜ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଇରାନ କହିଥିଲା ଯେ, ଏହି ଆକ୍ରମଣ କେବଳ ପୃଷ୍ଠରେ ହୋଇଥିଲା ଏବଂ ଏହା ଯୋଗୁ ପରମାଣୁ ବିକିରଣ ଲିକ୍ ହେବାର କୌଣସି ସମ୍ଭାବନା ନାହିଁ। ତଥାପି, ଏବେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ମୁଖ୍ୟ ରାଫେଲ ଗ୍ରୋସି ଇରାନର ଏହି ମିଛର ପର୍ଦ୍ଦାଫାସ କରିଛନ୍ତି। ସେ ଜାତିସଂଘକୁ ସୂଚନା ଦେଇଛନ୍ତି ଯେ, ଇରାନର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣ ପରେ, ପରମାଣୁ ବିକିରଣ ଆଭ୍ୟନ୍ତରୀଣ ଭାବରେ ଘଟୁଛି, ଯଦିଓ ବାହ୍ୟ ଭାବରେ ନୁହେଁ। ଗ୍ରୋସି କହିଛନ୍ତି, ଇସ୍ରାଏଲ ଇରାନର ନାଟାଞ୍ଜ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରି ଏହାର ଉପର ଅଂଶକୁ ଧ୍ୱଂସ କରିଛି। ଏହି ଆକ୍ରମଣରେ ଭୂତଳରେ ଗଚ୍ଛିତ ୟୁରାନିୟମ ସମୃଦ୍ଧିକୁ କୌଣସି କ୍ଷତି ହେବାର ସମ୍ଭାବନା ନାହିଁ, କିନ୍ତୁ ତଥାପି ସେହି ସ୍ଥାନରେ ପରମାଣୁ ବିକିରଣ ଆରମ୍ଭ ହୋଇଛି।

## ରଥ ଉପରକୁ ମୋବାଇଲ ମନା

**ପୁରୀ,୧୪।୬(ମହାଭାରତ):** ରଥଯାତ୍ରା ସମୟରେ ରଥ ଉପରେ ମୋବାଇଲ୍ ବ୍ୟବହାର ମନା। ଆଜି ଦଇତାପତି ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଯଦି କେହି ଅଣସେବାୟତ ଚିହ୍ନଟ ହୁଅନ୍ତି, ତେବେ ସେମାନଙ୍କ ବିରୋଧରେ ଏତଲା ଦିଆଯିବ। ଏପରିକି ଫୌଜଦାରୀ ମକଦ୍ଦମା ରୁଜୁ କରାଯିବ। ଗତବର୍ଷ ରଥ ଉପରକୁ ମୋବାଇଲ୍ ନେଇ କଟକଣା ଥିଲା। ଏହାସତ୍ତ୍ୱେ କିଛି ସେବାୟତ ରଥ ଉପରକୁ ମୋବାଇଲ୍ ନେଇଥିଲେ। ତେଣୁ ଏଥର ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କିଭଳି କାର୍ଯ୍ୟକାରୀ ହେଉଛି, ତାକୁ ନେଇ ଉଠିଛି ପ୍ରଶ୍ନଚିହ୍ନ। ଗତବର୍ଷ ଭଳି ଏବର୍ଷ ମଧ୍ୟ ସେବାୟତମାନେ ମୋବାଇଲ ନେଇ ରଥ ଉପରକୁ ଚିପାରିବେ ନାହିଁ। ରଥ ଉପରେ ଏବଂ ପହଣ୍ଡି ସମୟରେ ମୋବାଇଲ ସମ୍ପୂର୍ଣ୍ଣ ବାରଣ ହେବ। ଆଜି ଦଇତାପତି ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ଛଦ୍ମବେଶଧାରୀ ବା ଅଣସେବାୟତ ଚିହ୍ନଟ ହେଲେ ସେମାନଙ୍କ ବିରୋଧରେ ଏତଲା ଦିଆଯିବ। ଏମିତିକି ଫୌଜଦାରୀ ମକଦ୍ଦମା କରିବାକୁ ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପ୍ରଶାସନ।

ଗତବର୍ଷ ରଥଯାତ୍ରା ବେଳେ ମୋବାଇଲ୍ ବାରଣ ସତ୍ତ୍ୱେ, କିଛି ସେବାୟତ ରଥ ଉପରେ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଚଳିତବର୍ଷ ମୋବାଇଲ୍ ବାରଣ ନେଇ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କିଭଳି କାର୍ଯ୍ୟକାରୀ ହେବ, ସେବାୟତମାନେ ପ୍ରଶାସନର ନିଷ୍ପତ୍ତିକୁ ଠିକ୍ ଭାବେ ଅନୁପାଳନ କରିବେ ତ ? ସେନେଇ ଉଠିଛି ପ୍ରଶ୍ନ।

ଗତବର୍ଷର ପହଣ୍ଡି ଅଘଟଣ ଏଡ଼ାଇବାକୁ ଏବର୍ଷ ଶ୍ରୀମନ୍ଦିର ପ୍ରଶାସନ କିଛି ଠୋସ୍ ନିଷ୍ପତ୍ତି ନେଇଛି। ସତ୍ତ୍ୱଲିପି ଅନୁଯାୟୀ, ସେବାରେ ସଂପୃକ୍ତ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍। ୩ ଜଣିଆ କମିଟିର ପରାମର୍ଶ ଅନୁସାରେ ହେବ ପହଣ୍ଡି। ଉତ୍ତମ ସମନ୍ୱୟ, ଶୃଙ୍ଖଳିତ ନୀତି, ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଓ ବ୍ୟବସ୍ଥାବଳୀ ଅନୁପାଳନ ପାଇଁ ପ୍ରତିଶ୍ରୁତି ଦେଇଛି ଦଇତାପତି ନିଯୋଗ।

ଶ୍ରୀମନ୍ଦିର ଓ ପାର୍ଶ୍ୱ ଦେବଦେବୀ ମନ୍ଦିର ଆଲୋକୀକରଣ ହେବ। ଶ୍ରୀଗୁଣ୍ଡିଚା ମନ୍ଦିରରେ ନୂଆକରି ଲାଗିବ ଏଲଇଡି ଲାଇଟ୍। ଦିବ୍ୟାଙ୍ଗଙ୍କ ଦର୍ଶନ ବ୍ୟବସ୍ଥିତ କରିବାକୁ ଉତ୍ତରଦ୍ୱାରରେ ସରିଛି ରାମ୍ପ। ସମ୍ପୃକ୍ତ ନିଯୋଗ ସହ ଆଲୋଚନା ଓ ପରାମର୍ଶ ପରେ ବ୍ୟବସ୍ଥା ଲାଗୁ ହେବ।

## ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ




**ଲଣ୍ଡନ,୧୪।୬:** ବିଶ୍ୱ ଟେଷ୍ଟ ଚମ୍ପିଆନ ହୋଇଛି ଦକ୍ଷିଣ ଆଫ୍ରିକା। ବିଶ୍ୱ ଟେଷ୍ଟ ଚମ୍ପିଆନଶିପ (ଡବ୍ଲ୍ୟୁଟିସି)ର ଫାଇନାଲ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଏହି ଆଇସିସି ଟ୍ରଫି ହାସଲ କରିଛି। ଦୀର୍ଘ ୨୭ ବର୍ଷ ପରେ ଦଳ ଡବ୍ଲ୍ୟୁଟିସି ଜିତି ଇତିହାସ ରଚିଛି। ଦଳର ଏହି ବିଜୟ ପଛରେ ଏଡେନ ମର୍କରମଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ୧୩୬ ରନ କରି ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ।ଅଷ୍ଟ୍ରେଲିଆର ଲର୍ଡ୍ସ ପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୧୨ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୩୮ ରନ କରିଥିଲା। ୨ୟ ପାଳିରେ ଅଷ୍ଟ୍ରେଲିଆ ୨୦୭ ରନ କରିବା ସହିତ ଦକ୍ଷିଣ ଆଫ୍ରିକାକୁ ୨୮୨ ରନର ବିଜୟଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ସଂଗ୍ରହ କରିନେଇଥିଲା। ୧୯୯୮ରେ ଦକ୍ଷିଣ ଆଫ୍ରିକା ଶେଷ ଥର ଲାଗି ଏକମାତ୍ର ଦଳ ଭାବେ ଏହି ଟ୍ରଫି ଜିତିଥିଲା।

## ରତ୍ନଭଣ୍ଡାର କାର୍ଯ୍ୟ ଶୀଘ୍ର ସାରିବାକୁ ଏଏସ୍ଆଇକୁ ଚିଠି

**ପୁରୀ,୧୪।୬(ମହାଭାରତ):** ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏ.ଏସ୍.ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି (ଜୁନ୍ ୨୮ ରୁ ଜୁଲାଇ ୬) ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ କହିଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏ.ଏସ୍.ଆଇ. ଉପ-ମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି। ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏ.ଏସ୍.ଆଇ. କୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ ଗୋଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି। ସେଗୁଡ଼ିକ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଉତ୍ତର ଦ୍ୱାର ଠାରେ ରାମ୍ପ ନିର୍ମାଣ, ଏ.ଏସ୍.ଆଇ. ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏ.ଏସ୍.ଆଇ.ର ନିର୍ଦ୍ଦେଶକ ( ସଂରକ୍ଷଣ) ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏନେଇ ଏ.ଏସ୍.ଆଇ.ର ସହମତି ପ୍ରଦାନ ପାଇଁ ଅନୁରୋଧ। ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱ ମନ୍ଦିର ଗୁଡିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏ.ଏସ୍.ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ।

ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏ.ଏସ୍.ଆଇ.ର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି।

## ବିମାନ ଉଡାଣ ପୂର୍ବରୁ କଡାକଡି ହେବ ବୈଷୟିକ ଯାଞ୍ଚ

**ଭୁବନେଶ୍ୱର,୧୪।୬ (ମହାଭାରତ):** ବ୍ୟସ୍ତ ବହୁଳ ବିମାନବନ୍ଦର ଗୁଡିକ ମଧ୍ୟରେ ଭୁବନେଶ୍ୱର ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର ୧୫ତମ ସ୍ଥାନରେ ରହିଛି। ସେଥିପାଇଁ ଏହି ବିମାନବନ୍ଦରରୁ ଉଡାଣ କରୁଥିବା ଆନ୍ତର୍ଜାତିକ ବିମାନ ଗୁଡିକ ଉଡାଣ ପୂର୍ବରୁ ସବୁ ଦୃଷ୍ଟିରୁ ଟିକି ନିଖି ଯାଞ୍ଚ କରାଯିବା ପାଇଁ ଡିଜିସିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତି ନିଆଯାଇଛି। ଏଣିକି ବିମାନ ଉଡିବା ପୂର୍ବରୁ ଯେ କୌଣସି ପ୍ରକାର ଅଘଟଣକୁ ଏଡାଇବା ପାଇଁ ବିମାନବନ୍ଦର କର୍ମଚାରୀ ପୋଲିସ, ମେଡିକାଲ୍ ଓ ଅଗ୍ନିଶମ ଷ୍ଟାଫଙ୍କ ପକ୍ଷରୁ ମକଡ୍ରିଲ କରାଯିବାର ବ୍ୟବସ୍ଥା କରାଯାଇଛି।

ଆଜି ଏଠାରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ, ଭୁବନେଶ୍ୱର ବିମାନବନ୍ଦରରେ ଟେକ୍ ଅଫ୍ ଓ ଲ୍ୟାଣ୍ଡିଂରେ ରହିଛି ପ୍ରତିବନ୍ଧକ। ବିମାନ ଟେକ୍ ଅଫ୍ ପଥରେ ବଡ଼ ବଡ଼ ଗଛ ରହିଛି । ଏମିତିକି ରନେୱେର ନିର୍ଦ୍ଦିଷ୍ଟ ଦୂରତାରେ ବେଆଇନ ଉଚ୍ଚ ଅଟ୍ଟାଳିକା ମଧ୍ୟ ଗଢ଼ି ଉଠିଛି।



ତେବେ ଗତ ମାସରେ ବୈଠକରେ କମିଶନରଙ୍କୁ ଏସବୁ ବିଷୟରେ ସବୁକିଛି ଅବଗତ କରାଯାଇଛି। ଆଶା କରୁଛୁ ବେଆଇନ ଗଛ କାଟିବା ସହ ଉଚ୍ଚ ଅଟ୍ଟାଳିକା ଉଚ୍ଛେଦ କରିବେ ବୋଲି ସୂଚନା ଦେଇଛନ୍ତି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ।

ଆସନ୍ତା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ହେବ ମକ୍ ଡ୍ରିଲ୍। ଅହମ୍ମଦାବାଦ ବିମାନ ଦୁର୍ଘଟଣା ଦୃଷ୍ଟିରୁ ହେବ ମକ୍ ଡ୍ରିଲ୍। ଏଥିପାଇଁ ବିମାନବନ୍ଦର ପକ୍ଷରୁ ନିର୍ଦ୍ଦେଶ ଆସିଛି। ବିମାନବନ୍ଦର କର୍ମଚାରୀ, ପୋଲିସ, ମେଡିକାଲ୍ ଓ ଅଗ୍ନିଶମ ଷ୍ଟାଫ୍ ରହିବେ। ଯଦି ଦୁର୍ଘଟଣା ପରି କିଛି ଅଘଟଣ ଘଟେ, ତାହାର ମୁକାବିଲା ପ୍ରସ୍ତୁତି କରାଯିବ ସହିତ ଆହତଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇ ଦିଆଯିବାର ମକ୍ ଡ୍ରିଲ୍ ହେବ। ଏନେଇ ସୂଚନା ଦେଇଛନ୍ତି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ। ତେବେ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଏବେ ସୁଦ୍ଧା ୨୭୪ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେ ଭିତରୁ ବିମାନରେ ଥିବା ୨୩୦ ଯାତ୍ରୀ, ୨ ପାଇଲଟ ଆଉ ୧୦ କ୍ରିୟୁ ମେମ୍ବରଙ୍କ ମଧ୍ୟରୁ କେବଳ ଜଣେ ଯାତ୍ରୀଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଯେଉଁମାନଙ୍କ ମଧ୍ୟରେ ୧୬୯ ଭାରତୀୟ, ୫୩ ବ୍ରିଟିଶ୍, ୭ ପର୍ତ୍ତୁଗିଜ୍ ଓ ଜଣେ କାନାଡ଼ା ନାଗରିକ ମଧ୍ୟ ରହିଛନ୍ତି।

ବିଶାଳ ବୋଇଂ ବିମାନଟି ମେଘାନୀ ନଗରସ୍ଥିତ ବିଜେ ମେଡିକାଲ କଲେଜର ଏକାଧିକ ବହୁତଳ କୋଠା ଉପରେ ଖସିପଡ଼ିଥିବାରୁ ସେଠାରେ ଜଣେ ଡାକ୍ତରଙ୍କ ସହ ମେସରେ କାର୍ଯ୍ୟରତ ଅନ୍ୟ ୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଆଶଙ୍କା କରାଯାଉଛି ଯେ, ଦୁର୍ଘଟଣାସ୍ଥଳର ଧ୍ୱଂସସ୍ତୂପ ତଳେ ଆଉ କିଛି ଚାପି ହୋଇ ରହିଥାଇପାରନ୍ତି। କାରଣ ଦୁର୍ଘଟଣା ପରଠୁ ସ୍ଥାନୀୟ ରମଣୀ ନଗର ବସ୍ତିର କିଛି ଲୋକ ନିଖୋଜ ଥିବାରୁ, ଆଶା ଓ ଆଶଙ୍କା ଭିତରେ ଦିନ କାଟୁଛନ୍ତି ସେମାନଙ୍କ ପରିବାର ଓ ସମ୍ପର୍କୀୟ।

## ଦଲିଆ ଖେଚୁଡ଼ି



ଆବଶ୍ୟକ ସାମଗ୍ରୀ: ଦଲିଆ, ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ, କଟା ବିନ୍‌ସ, କଟାଗାଜର, ଫୁଲକୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନିବାଦାମ, ଗଜାମୁଗ, ଲୁଣ, ହଳଦୀ ଓ ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦଲିଆରେ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ । ଏବେ ଏକ କଡ଼େଇରେ ତେଲ ଗରମ କରି ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ ପକାଇ ଭାଜନ୍ତୁ । ଏସବୁ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ କଟା ବିନସ,ଛୋଟ ଛୋଟ ଖଣ୍ଡ ହୋଇଥିବା ଫୁଲ କୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନାବାଦାମ ଓ ଗଜାମୁଗ ପକାନ୍ତୁ। ଏହା ପରେ ହଳଦୀ ଗୁଣ୍ଡ, କଟା ଗାଜର ଓ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼େଇ ଦିଅନ୍ତୁ । ୩ରୁ ୪ମିନିଟ ପରେ ପ୍ରସ୍ତୁତ ହୋଇଯିବ ଟେଷ୍ଟି ଆଣ୍ଡ ହେଲଦି 'ଦଲିଆ ଖେଚୁଡ଼ି' ।

ଖବର

## ଶ୍ରୀତମ ଏବେ ମୁକୁନ୍ଦ ଦେବ



ସବ୍ୟସାଚୀ ମହାପାତ୍ରଙ୍କ ବହୁଭାଷୀ ଚଳଚ୍ଚିତ୍ର 'ଜୟ ଜଗନ୍ନାଥ'ରେ ଶ୍ରୀଜଗନ୍ନାଥଙ୍କ ଭୂମିକା ନିଭାଇଥିବା ଅଭିନେତା ଶ୍ରୀତମ ଦାସଙ୍କୁ ଦର୍ଶକ ନୂଆ ଓଡ଼ିଆ ଛବି 'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ଗଜପତି ମୁକୁନ୍ଦ ଦେବ ଚରିତ୍ରରେ ଦେଖିବାକୁ ପାଇବେ। ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଏହି ସିନେମାରେ ତାଙ୍କ ଭୂମିକାଟିରେ ନିଆରାପଣ ରହିଛି ଏବଂ ଏଥିଲାଗି ତାଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡ଼ିଛି ବୋଲି ଶ୍ରୀତମ କହିଛନ୍ତି। ଏଥିରେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ମୁକୁନ୍ଦ ଦେବଙ୍କ ମହାରାଣୀ ଭୂମିକାରେ ଦେଖିବାକୁ ମିଳିବ। 'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାନ୍ତ, ଶିବାନୀ, ସୂର୍ଯ୍ୟମୟୀ, ଜ୍ୟୋତି, ଅଂଶୁମାନ, ଦେବୁ ପଟ୍ଟନାୟକ ଓ କୁନା ତ୍ରିପାଠୀ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ଶଙ୍କର ତ୍ରିପାଠୀଙ୍କ ରଚିତ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ନାଟକ ସଫଳ ହେବା ପରେ ପ୍ରଯୋଜିକା-ନିର୍ଦ୍ଦେଶିକା ବିନି ସାମଲ ଏହାକୁ ଫିଲ୍ମ ରୂପ ଦେଇଛନ୍ତି।ଉଲ୍ଲେଖଯୋଗ୍ୟ, 'ସାବିତ୍ରୀ'(୧୯୯୭) ସିନେମାରୁ ନାୟକ ଭାବେ କ୍ୟାରିୟର୍ ଆରମ୍ଭ କରିଥିବା ଶ୍ରୀତମ ଆଉ ପଛକୁ ଫେରି ଚାହିଁନାହାନ୍ତି। ଦୀର୍ଘ ୨୮ ବର୍ଷର କ୍ୟାରିୟର୍ ଭିତରେ ଦର୍ଶକ ତାଙ୍କୁ କେତେବେଳେ ନାୟକ ତ କେବେ ଖଳନାୟକ, ପୁଣି କେତେବେଳେ ଚରିତ୍ର ଅଭିନେତା ଭାବେ ଦେଖିବାକୁ ପାଇଛନ୍ତି।



## ପାଦ ଚିହ୍ନ

ଭଗବାନ ଅତ୍ୟନ୍ତ ମନଯୋଗ ସହକାରେ ସୃଷ୍ଟି ନିର୍ମାଣ କଲେ। ସେ ମାନବଙ୍କୁ ଏହି ମନୋହର ଦୁନିଆ ଦେଖାଇ ସେଠାରେ ଯାଇ ରହିବାକୁ କହିଲେ। ଭାଗବାନଙ୍କ ନିକଟରେ ଛିଡ଼ା ହୋଇଥିବା ମଣିଷ ଆଖି ପୂରାଇ ଦୁନିଆକୁ ଦେଖିଲା, କିନ୍ତୁ ତା' ମନରେ ଏକ ଆଶଙ୍କା ଉତ୍ପନ୍ନ ହେଲା। ତେଣୁ ସେ ସହମତ ହେବା ପୂର୍ବରୁ ସ୍ଥିତି ସ୍ପଷ୍ଟ କରିନେବାକୁ ଚାହିଁଲା।

ସେ ଭଗବାନଙ୍କୁ ପଚାରିଲା- ସେଠାକୁ କ'ଣ ମୋତେ ଏକୁଟିଆ ଯିବାକୁ ପଡ଼ିବ? ଭଗବାନ କହିଲେ, ନା ତୁମ ସହିତ ଏକ ସମାଜ ଥିବ। ମଣିଷ କହିଲା, ମୁଁ ସେକଥା କହୁନାହିଁ। ଆପଣ ଥିବେ ନା ନାହିଁ? ଭଗବାନ କହିଲେ, ମୁଁ ଏଇଠି ଅଛି। ମୁଁ କାହିଁକି ଯିବି? ମଣିଷ କହିଲା, ନା ନା! ଆପଣଙ୍କୁ ଯିବାକୁ ହେବ। ନହେଲେ ମୁଁ ସେଠାକୁ ଯିବି ନାହିଁ, ଯେତେ ସୁନ୍ଦର ଦୁନିଆ ହେଉ ପଛେ। ଭଗବାନ କହିଲେ, ଠିକ ଅଛି ତା'ହେଲେ ମୋର ଗୋଟିଏ ସର୍ତ୍ତ ଅଛି। ମୁଁ ତୁମ ସହିତ ରହିବି, କିନ୍ତୁ ଦେଖାଦେବି ନାହିଁ। ମଣିଷ ପଚାରିଲା- ତା'ହେଲେ ମୁଁ ଜାଣିବି କେମିତି ତୁମେ ଅଛ ବୋଲି? ତୁମେ ମଝିରେ ମଝିରେ ପଛକୁ ବୁଲି ଚାହିଁବ । ତୁମକୁ ମୋର ପାଦ ଚିହ୍ନ ଦେଖାଯିବ। ତୁମେ ଚାରିଟି ପାଦ ଚିହ୍ନ ଦେଖିପାରିବ। ଦୁଇଟି ତୁମର ଏବଂ ଦୁଇଟି ମୋର। ଭଗବାନଙ୍କ ଏହି କଥା ଶୁଣି ଲୋକଟି ଆଶ୍ୱସ୍ତ ହେଲା। ସେ ଦୁନିଆରେ ରହିବାକୁ ଆସିଲା। ସବୁବେଳେ ଦୁନିଆର କାର୍ଯ୍ୟରେ ସେ ଏତେ ବ୍ୟସ୍ତ ହୋଇଗଲା ଯେ ପାଦ ଚିହ୍ନ ଦେଖିବା ଲାଗି ଫୁରସତ ପାଇଲା ନାହିଁ। ଦୁନିଆର ସୁଖ ଗୋଟାଇବାର ନିଶା ମଧ୍ୟ ତା'କୁ ଜଞ୍ଜାଳ ଭିତରେ ପକାଇ ଦେଲା। ହେଲେ ଏହା ଭିତରେ ସେ ବିପତ୍ତିରେ ପଡ଼ିଗଲା। ଭଗବାନଙ୍କ କଥା ମନେପଡ଼ିବାରୁ ସେ ପଛକୁ ବୁଲିଚାହିଁଲା, ସେ ଦେଖିଲା ଯେ କେବଳ ଦୁଇଟି ପାଦ ଚିହ୍ନ ଅଛି। ହେ ଭଗବାନ! ଆପଣ କେଉଁଠି ଅଛନ୍ତି? ମୋତେ କାହିଁକି ଛାଡ଼ିଦେଲେ? ଏହା କହି ସେ ମୂର୍ଚ୍ଛିତ ହୋଇଗଲା। ହୋସ ଆସିବାରୁ ସେ ଭଗବାନଙ୍କୁ ଅନୁଭବ କରିପାରିଲା। ସେ ଭଗବାନଙ୍କୁ ପଚାରିଲା, ଆପଣ କୁଆଡ଼େ ଚାଲିଯାଇଥିଲେ? ଦେଖନ୍ତୁ! ମୋତେ କିଛି କୁହନ୍ତୁ ନାହିଁ। ମୁଁ ବେହୋସ ହେବା ପୂର୍ବରୁ ଆପଣଙ୍କୁ ଦେଖିପାରିନଥିଲି। ପଛକୁ ବୁଲି ଦେଖିବାରୁ କେବଳ ଦୁଇଟି ପାଦ ଚିହ୍ନ ହିଁ ଦେଖିପାରିଲି। ଭଗବାନ କହିଲେ, ହଁ! ତୁମେ ନିଶ୍ଚିତ ଭାବେ ଦୁଇଟି ପାଦ ଚିହ୍ନ ଦେଖିଥିବ। କାରଣ ତୁମେ ସେତେବେଳେ ମୋ କୋଳରେ ଥିଲ। ତୁମେ ପଡ଼ିଯିବା ପୂର୍ବରୁ ମୁଁ ତୁମକୁ ଉଠାଇ ନେଇଥିଲି।

## ଅବିନାଶୀ ଆତ୍ମା

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ।" ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି



ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ୍ୟ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ? ଅର୍ଜୁନ କ'ଣ ଅନ୍ୟ କୌଣସି ଶରୀରଧାରୀ ଥିଲେ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ'ଣ ଥିଲେ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ୍ୟ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।

## ଚିନ୍ତାମଣି ବିନାୟକ



ରାଜା ଅଭିଷେକ ଏବଂ ତାଙ୍କ ରାଣୀ ଗୁଣବତୀଙ୍କର କେହି ସନ୍ତାନ ନଥିଲେ । ଏହି କାରଣରୁ ରାଜା ଓ ରାଣୀ ଦୁଃଖରେ ଥିଲେ । ଥରେ ସେମାନେ ଜଣେ ଋଷିଙ୍କୁ ଦେଖା କରି ନିଜର ସମସ୍ୟା ଜଣାଇଲେ । ଋଷିଙ୍କ ନିର୍ଦ୍ଦେଶ ମୁତାବକ ପୂଜା କରିବାରୁ ରାଜା ଓ ରାଣୀଙ୍କର ଏକ ସୁନ୍ଦର ପୁତ୍ର ଜାତ ହେଲା। ପୁତ୍ରର ନାଁ ରଖାଗଲା ଗଣ । ଗଣ ବଡ଼ ହୋଇ ଭଗବାନ ଶିବଙ୍କୁ ତପସ୍ୟା କଲା । ମହାଦେବ ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ତା'କୁ ବରଦାନ ଦେଲେ । ମହାଦେବଙ୍କ ଠାରୁ ଶକ୍ତିଶାଳୀ ହେବାର ବରଦାନ ପାଇଁ ଗଣ ଅତ୍ୟାଚାରୀ ହୋଇଉଠିଲା । ଦିନେ ଗଣ ନିଜ ସୈନ୍ୟଙ୍କ ସହ ଶିକାରରେ ବାହାରିଲା । ବହୁ ସମୟ ଧରି ବୁଲିବା ପରେ ମଧ୍ୟ ତା' ଭାଗ୍ୟରେ ଶିକାରଟିଏ ଜୁଟିଲା ନାହିଁ । ଗଣ ଓ ତା'ର ସୈନ୍ୟମାନେ ଜଙ୍ଗଲରେ ବୁଲୁ ବୁଲୁ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ମୁନି ସେମାନଙ୍କୁ ଖାଇବା ପାଇଁ ଆମନ୍ତ୍ରଣ କଲେ । ମୁନିଙ୍କ ନିକଟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଚିନ୍ତାମଣି ଥିଲା । ସେହି ଚିନ୍ତାମଣିକୁ ମୁନି ଖାଦ୍ୟ ମାଗି ରାଜକୁମାର ଗଣ ଓ ତା'ର ସୈନ୍ୟମାନଙ୍କୁ ପରଷି ଦେଲେ । ସ୍ୱାର୍ଥପର ଗଣ ମୁନିଙ୍କୁ ସେହି ମଣି ମାଗିଲା । କପିଳ ମୁନି ତା'କୁ ଚିନ୍ତାମଣି ଦେବାକୁ ମନା କରିଦେଲେ । ମାତ୍ର ଗଣ ବଳପୂର୍ବକ ମୁନିଙ୍କ ଠାରୁ ମଣିଟିକୁ ଛଡ଼ାଇ ନେଲା । ନିରାଶ ହୋଇ ମୁନି କପିଳ ଭଗବାନ ଗଣେଶଙ୍କୁ ଡାକିଲେ । ଗଣେଶ ପ୍ରକଟ ହୋଇ କପିଳ ମୁନିଙ୍କୁ ଚିନ୍ତାମଣି ଫେରାଇ ଆଣିବା ଲାଗି ପ୍ରତିଶ୍ରୁତି ଦେଲେ । ଏହାପରେ ଗଣକୁ ସ୍ୱପ୍ନାଦେଶ ହେଲା । ଚିନ୍ତାମଣି ଫେରାଇ ଦେବାକୁ ଗଣେଶ ତା'କୁ ସ୍ୱପ୍ନରେ କହିଲେ । ମାତ୍ର ସ୍ୱପ୍ନାଦେଶକୁ ଖାତିର କଲା ନାହିଁ ଗଣ । ସେ ଗଣେଶଙ୍କ ସହ ଯୁଦ୍ଧ କରିବାକୁ ବାହରିଲା । ଘମାଘୋଟ ଯୁଦ୍ଧ ହେଲା । ଶେଷରେ ଗଣେଶଙ୍କ ହାତରେ ଗଣର ପ୍ରାଣଗଲା । ସେଥିପାଇଁ ଗଣେଶଙ୍କୁ ଗଣନାୟକ କୁହାଯାଇଥାଏ । ଗଣେଶ ଚିନ୍ତାମଣି ଆଣି କପିଳମୁନିଙ୍କୁ ଦେଲେ । ମାତ୍ର ମୁନି କହିଲେ, ଏହି ମଣି ସର୍ବଦା ମୋ ପାଇଁ ଚିନ୍ତାର କାରଣ ପାଲଟିଛି । ଏଣୁ ଆପଣ ଏହାକୁ ନିଜ ପାଖରେ ରଖନ୍ତୁ । ଗଣେଶ ଚିନ୍ତାମଣି ନିଜ ପାଖରେ ରଖିଲେ । ଏହି ଘଟଣା ପରେ କପିଳ ମୁନି ଗଣେଶଙ୍କ ଏକ ମନ୍ଦିର ପ୍ରତିଷ୍ଠା କଲେ । ସେହି ମନ୍ଦିର ଚିନ୍ତାମଣି ବିନାୟକ ମନ୍ଦିର ଭାବେ ପ୍ରସିଦ୍ଧ ହେଲା । ଯାହା ଏବେ ମହାରାଷ୍ଟ୍ରର ପୁନେ ସହର ନିକଟରେ ଥିବା ଅଷ୍ଟ ବିନାୟକ ମନ୍ଦିର ମଧ୍ୟରୁ ଅନ୍ୟତମ ।

## ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

# ସାଂସଦଙ୍କ ଅପରାଜିତାଙ୍କ ଦ୍ୱାରା ବିକାଶ ରଥ ଉଦଘାଟିତ

**ଭୁବନେଶ୍ୱର,୧୪।୬ (ମହାଭାରତ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବ୍ଲକରେ ବିକାଶ ବାହନର ଶୁଭାରମ୍ଭ ହୋଇଛି। ବୋଲଗଡ଼, ବେଗୁନିଆ, ଟାଙ୍ଗି ବ୍ଲକରେ ବିକାଶ ବାହନର ଶୁଭାରମ୍ଭ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ରାଜ୍ୟବାସୀଙ୍କୁ ଅବଗତ କରାଇବ ଏହି ରଥ।

ତେବେ ଶୁଭାରମ୍ଭ ଅବସରରେ ଏକ ବର୍ଷ ପୂର୍ତ୍ତିର ଉପଲବ୍ଧି ଜନତାଙ୍କ ସହ ବାଣ୍ଟିଥିଲେ ଶ୍ରୀମତି ଷଡ଼ଙ୍ଗୀ। ତା ସହ ରହିଥିବା ସମସ୍ୟାର ସମାଧନ ପାଇଁ ପ୍ରତିଶୃତି ଦେଇଥିଲେ। ବାଘମାରୀ ବାଇପାସ କାର୍ଯ୍ୟ ତୁରନ୍ତ ଶେଷ, ବୋଲଗଡ଼ ଓ ବେଗୁନିଆକୁ ଏନ୍‌ଏସି ମାନ୍ୟତା, ବେଗୁନିଆରେ ୪୪ କୋଟି ଟଙ୍କାର ମେଡିକାଲ କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ। ତା ସହ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ବୋଲଗଡ଼ ରେଳଷ୍ଟେସନକୁ କାର୍ଯ୍ୟକ୍ଷମ କରିବାକୁ ସେ ପ୍ରତିଶୃତି ଦେଇଥିଲେ।



ତେବେ କାର୍ଯ୍ୟକ୍ରମରେ ବୋଲଗଡ଼ ବେଗୁନିଆ ବିଧାୟକ ଅନୁପସ୍ଥିତ ରହିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ବିକାଶମୂଳକ କାର୍ଯ୍ୟରେ ବିଧାୟକ ଉପସ୍ଥିତ ନରହିବା ଜନ ବିରୋଧୀ ଏବଂ ବିକାଶ ବିରୋଧୀ। ରାଜନୀତିର ପରିଭାଷା ହେଉଛି ବିକାଶ ଏବଂ ଲୋକଙ୍କ ସମସ୍ୟାର ସମାଧାନ। ବିକାଶର କୌଣସି ଦଳ ନଥାଏ। ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ହେଉଛି ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱ ବୋଲି ସେ ମତ ଦେଇଥିଲେ। ସେ କହିଥିଲେ ୨୦୨୬ ଜାନୁଆରୀ ଠାରୁ ପ୍ରତ୍ୟକ ଗାଁରେ ପଦଯାତ୍ରା କରାଯିବ। ଏହା ଜରିଆରେ ଲୋକଙ୍କମାନଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚରାଯିବ। ଗାଁ ଏବଂ ପଞ୍ଚାୟତକୁ ପକ୍କା ରାସ୍ତା ନିର୍ମାଣ କରାଯିବ। ପ୍ରତ୍ୟକ ଘରକୁ ରାସ୍ତା, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ପହଞ୍ଚାଇବା ଉପରେ ପ୍ରାଥମିକା ଦିଆଯିବ। ଏକ ବର୍ଷ ପରେ ଗାଁରେ ପଲଟିକାଲ ଅଡିଟ୍ କାର୍ଯ୍ୟକ୍ରମ କରାଯିବ। ପଲଟିକାଲ ଅଡିଟ୍ ଦ୍ୱାରା ଗାଁରେ ଅଟକି ରହୁଥିବା ଉନ୍ନୟନମୂଳକ କାର୍ଯ୍ୟର ଶିଘ୍ର ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀମତି ଷଡ଼ଙ୍ଗୀ କହିଥିଲେ। ତେବେ ଖୁବ୍ ଶୀଘ୍ର ଶସ୍ୟ ଶ୍ୟାମଳା ହେବ ବୋଲଗଡ଼ ଏବଂ ବେଗୁନିଆ ଅଞ୍ଚଳ। ମେଗା ଲିଫ୍ଟ ଇରିଗେସନ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୩୦୨ କୋଟି ଟଙ୍କା ବ୍ୟୟରେ ଲିଫ୍ଟ ଇରିଗେସନ ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପ ଦ୍ୱାରା ୭୭୭୦ ହେକ୍ଟର ଜମିକୁ ଜଳସେଚିତ କରାଯିବ। ପ୍ରକଳ୍ପ ପାଇଁ ଟେଣ୍ଡର ଆରମ୍ଭ ହୋଇଛି ବୋଲି ସାଂସଦ କହିବା ପରେ ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଛି। ତେବେ ୨୦୧୯ ଏବଂ ୨୦୨୪ ବିଜୟୀ କରି ସେବା କରିବାର ସୁଯୋଗ ଦେଇଥିବାରୁ ବୋଲଗଡ଼ ଏବଂ ବେଗୁନିଆବାସୀଙ୍କୁ ଧନ୍ୟବାଦ ଦେଇଥିଲେ ଭୁବନେଶ୍ୱର ସାଂସଦ। କାର୍ଯ୍ୟକ୍ରମରେ ବୋଲଗଡ଼ ବିଡିଓ, ତହସିଲଦାର, ପୂର୍ବତନ ସମିତି ସଭ୍ୟ ଅଧକ୍ଷ, ବେଗୁନିଆର ବିଡିଓ, ତହସିଲଦାର, ବ୍ଲକ ଚେୟାରମ୍ୟାନ, ଟାଙ୍ଗି ବ୍ଲକ ଅଧକ୍ଷ୍ୟ, ବେଗୁନିଆର ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ରାମ ବିଜୁଳି, ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ଏସ୍‌ଏସ୍‌ବି ଅଧାପକ ସଂଘର ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୧୪।୬ (ମହାଭାରତ):** ଓଡିଶା ଏସ୍‌ଏସ୍‌ବି ଅଧାପକ/ଅଧାପିକା ସଂଘ (ଓସଲା)ର ବାର୍ଷିକ ସମ୍ମିଳନୀ ଇନଷ୍ଟଚ୍ୟୁଟ ଅଫ ଇଂଜିନିୟରସ୍ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାନତା, ମର୍ଯ୍ୟାଦା ଓ ନ୍ୟାୟ ପାଇଁ ଅଧାପକ ଓ ଅଧାପିକାମାନେ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଜେପି ପ୍ରବକ୍ତା ତଥା ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଏବଂ କାର୍ତ୍ତିକ ଚନ୍ଦ୍ର ସାହୁ ଯୋଗଦେଇ ସଂଘର ଦାବି ନାର୍ଯ୍ୟ ଓ ଆଇନ ସମ୍ମତ ବୋଲି କହିଥିଲେ। ସମ୍ମିଳନୀରେ ରାଜ୍ୟ ସରକାର ଅଧାପକ/ଅଧାପିକା ମାନଙ୍କ ପ୍ରତି କରୁଥିବା ଅବହେଳା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସଂଘ ପକ୍ଷରୁ କୁହାଯାଇଥିଲା ଯେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ଦ୍ୱାରା ପରିଚାଳିତ ଏକ ସ୍ୱଚ୍ଛ, ମୁକ୍ତ ଓ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆମ୍ଭେମାନେ ରାଜ୍ୟର ବିଭିନ୍ନ ୪୮୮ ବର୍ଗ ଡିଗ୍ରୀ କଲେଜରେ ଅଧାପକ/ଅଧାପିକା ଭାବେ ନିଯୁକ୍ତି ପାଇଛୁ। ମାତ୍ର କାର୍ଯ୍ୟ ଅନୁଯାୟୀ ଦରମା ପ୍ରଦାନ କରାଯାଉନାହିଁ। ଓପିଏସ୍‌ସି ଦ୍ୱାରା ସରକାରୀ କଲେଜରେ ନିଯୁକ୍ତ ଅଧାପକମାନେ ଯେତିକି କାର୍ଯ୍ୟ କରୁଛନ୍ତି ଆମ୍ଭେମାନେ ସେତିକି କାର୍ଯ୍ୟ କରୁଛୁ। ସେମାନଙ୍କୁ ୬୦୦୦ ଗ୍ରେଡ ପେ ରେ ଦରମା ମିଳୁଥିବାବେଳେ ଏସ୍‌ଏସ୍‌ବି ଅଧପକ ମାନଙ୍କୁ ୪୬୦୦ ଗ୍ରେଡ ପେ ରେ ଦରମା ପ୍ରଦାନ କରା ଯାଉଛି। ଯାହା ଓଡିଶା ଶିକ୍ଷା ନିୟମ ୧୯୭୪ର



(ଅଧାୟ-୩ ଅନୁଚ୍ଛେଦ-୯)ର ଉଲ୍ଲଙ୍ଘନ କରାଯାଉଛି। ସମାନ କାର୍ଯ୍ୟକୁ ସମାନ ଦରମା, ଏଚ୍‌ଆର୍‌ଏ ପ୍ରଦାନ, ଅବସରକାଳୀନ ଗ୍ରାଚୁଇଟି ବୃଦ୍ଧି, ଓଡିଶା ଶିକ୍ଷା ନିୟମ ୧୯୭୪ ଧାରା ୭ସି ରେ ସଂଶୋଧନ ଓ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଏହି ସମ୍ମିଳନୀକୁ ସାଗରିକା ବିଶ୍ୱାଳ, ରଜନୀ ନାୟକ, ଗୌରବ ଶର୍ମା, କେ ଏମ୍ ସୁବାଶିଷ ପ୍ରମୁଖ ପରିଚାଳନା କରିଥିଲେ।

# ନଦୀ ସଂକ୍ରାନ୍ତରେ ସରକାର ଶ୍ୱେତ ପତ୍ର ସହିତ ନଦୀ ନୀତି ଆଣନ୍ତୁ

**ଭୁବନେଶ୍ୱର,୧୪।୬ (ମହାଭାରତ):** ମହାନଦୀ ବଞ୍ଚାଓ ଆନ୍ଦୋଳନ ଓ ଓଡିଶା ନଦୀ ସୁରକ୍ଷା ସମିତି ତରଫରୁ ଆଜି ଭୁବନେଶ୍ୱରଠାରେ ଓଡିଶା ନଦୀ ସୁରକ୍ଷା ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ନଦୀଗୁଡିକର ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ ଓ ସେଗୁଡିକର ସୁରକ୍ଷା ପାଇଁ ଏଥିରେ ଉଦବେଗ ପ୍ରକାଶ କରାଯାଇଛି। ରାଜ୍ୟର ନଦୀ ସଂକ୍ରାନ୍ତରେ ଏକ ଶ୍ୱେତ ପତ୍ର ପ୍ରକାଶ ଓ ରାଜ୍ୟ ପାଇଁ ଏକ ନଦୀ ନୀତି ପ୍ରଣୟନ ପାଇଁ



ସମ୍ମିଳନୀ ସରକାରଙ୍କ ଠାରେ ଦୃଢ଼ ଦାବି କରିଛି। ଏହା ସହିତ ସ୍କୁଲ ଓ କଲେଜ ଗୁଡିକରେ ନଦୀ ସୁରକ୍ଷା ବିଷୟକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିଷ୍ପତି ହୋଇଛି। ସମ୍ମିଳନୀକୁ ଉଦଘାଟନ କରି ଜଳ ମାନବ ଡ଼ଃ. ରାଜେନ୍ଦ୍ର ସିଂ କହିଲେ ଯେ ସଂପ୍ରତି ଓଡ଼ିଶାର ନଦୀ ଗୁଡିକର ସ୍ୱାସ୍ଥ୍ୟ ଗମ୍ଭୀର ଅନେକ ନଦୀ ମରିବାକୁ ବସିଲାଣି। ନଦୀର ସ୍ୱାସ୍ଥ୍ୟ ଠିକ ନରହିଲେ ରାଜ୍ୟର ସ୍ୱାସ୍ଥ୍ୟ ଠିକ ରହିବ ନାହିଁ ବୋଲି ସେ ଚେତାବନୀ ଦେବା ସହିତ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ସେଗୁଡିକର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ ବୋଲି କହିଥିଲେ। ସରକାର ତୁରନ୍ତ ଜଳ ସମ୍ପଦ ବିଭାଗ, ବିଶେଷଜ୍ଞ, ନଦୀ ଆନ୍ଦୋଳନର କର୍ମୀ ତଥା ନାଗରିକ ସମାଜର ଏକ ମିଳିତ କନଭେନସନ ଆୟୋଜନ କରି ନଦୀ ଗୁଡିକରେ ସମସ୍ୟା ଗୁଡିକୁ ନିରୂପଣ କରିବା ସହିତ ସମାଧାନର ରାସ୍ତା ବାହାର କରିବାକୁ ସେ ଦାବି ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଶାସକ ଡ଼ ଅରବିନ୍ଦ ବେହେରା କହିଲେ ଯେ ବିକାଶ ନାମରେ ବିନାଶ ଯେମିତି ଗ୍ରହଣୀୟ ନୁହଁ , ଠିକ ସେମିତି ଅସ୍ମିତା ନାମରେ ନିଜର ଅସ୍ତିତ୍ୱ ହରାଇଲା ଭଳି ପଦକ୍ଷେପ ଆଦୌ ସ୍ପୃହଣୀୟ ନୁହଁ। ବିଶିଷ୍ଟ ପରିବେଶବିତ ପ୍ରଫୁଲ ସାମନ୍ତରାୟ ଓଡ଼ିଶାର ସମସ୍ତ ନଦୀ ଆନ୍ଦୋଳନ ଗୁଡିକୁ ସଂଯୋଜିତ କରି ଏକ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରଶାସକ ଓ ଲେଖକ ସଂଜୀବ ହୋତା ତାଙ୍କ ବକ୍ତବ୍ୟରେ ଓଡ଼ିଶାର ବିଭିନ୍ନ ନଦୀ ଗୁଡିକରେ ସ୍ୱାସ୍ଥ୍ୟ ଅବସ୍ଥାର ଅବନତିର କାରଣ ଗୁଡିକ ବର୍ଣ୍ଣନା କରିବା ସହିତ ସେସବୁର ନିରାକରଣ କରି ନଦୀର ସ୍ୱାସ୍ଥ୍ୟ ଠିକ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଯନ୍ତ୍ରୀ ପ୍ରଦୀପ ପ୍ରଧାନ, ବିଜୟ ପ୍ରଧନ, ଇଂଜିନିୟର ମନୋରଞ୍ଜନ ମିଶ୍ର, ଡ଼ଃ ଜୟକୃଷ୍ଣ ପାଣିଗ୍ରାହୀ, ପ୍ରକାଶ ରଥ, କୃଷ୍ଣ ଜଗଦେବ, ପ୍ରଫେସର ବିନାୟକ ରଥ, ଅଶ୍ୱିନୀ ମହାପାତ୍ର,ହଂସରାଜ ସାହୁ, ଅଶୋକ ଠକର , ବ୍ରତୀନଦୀ ଜେନା, ନିରୁପମା ପାତ୍ର, ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ।

# ସିଏସଆଇଆର-ଆଇଏମଏମଟି ପକ୍ଷରୁ ରେଡ୍ ମଡ୍ ରିପୋର୍ଟ ପ୍ରକାଶିତ

**ଭୁବନେଶ୍ୱର,୧୪।୬ (ମହାଭାରତ):** ବୈଜ୍ଞାନିକ ତଥା ଔଦ୍ୟୋଗିକ ଗବେଷଣା ପରିଷଦ - ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସଆଇଆର-ଆଇଏମଏମଟି) ଦ୍ୱାରା ରେଡ୍ ମଡ୍ ରିପୋର୍ଟ ପ୍ରକାଶନ ବୈଠକ ଆୟୋଜିତ ହୋଇଛି। ଏହା ରେଡ୍ ମଡର ସାମଗ୍ରିକ ବ୍ୟବହାର ପାଇଁ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଜାତୀୟ ପ୍ରକଳ୍ପର ସଫଳ ସମାପ୍ତିକୁ ଚିହ୍ନିତ କରିଥିଲାୟ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଏବଂ ପ୍ରକଳ୍ପର ପରାମର୍ଶଦାତା ତଥା ନୀତି ଆୟୋଗର ସଦସ୍ୟ ଡକ୍ଟର ଭି.କେ. ସାରସ୍ୱତ ରେଡ ମଡ୍ ରିପୋର୍ଟକୁ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିଥିଲେ। ଏହି ପ୍ରକଳ୍ପକୁ ସିଏସଆଇଆର-ଆଇଏମଏମଟି (ଭୁବନେଶ୍ୱର), ସିଏସଆଇଆର -ନ୍ୟାସନାଲ ମେଟାଲର୍ଜିକାଲ୍ ଲାବୋରେଟୋରୀ (ସିଏସଆଇଆର -ଏନଏମଏଲ୍), ଜାମସେଦପୁର, ସମନ୍ୱୟ ପରୀକ୍ଷାଗାର ଏବଂ ଜବାହରଲାଲ ନେହେରୁ ଆଲୁମିନିୟମ୍ ରିସର୍ଚ୍ଚ ଡେଭଲପମେଣ୍ଟ



ଆଣ୍ଡ ଡିଜାଇନ୍ ସେଣ୍ଟର (ଜେଏନଏଆରଡିଡିସି), ନାଗପୁର ଦ୍ୱାରା ପ୍ରମୁଖ ଶିଳ୍ପ ଅଂଶୀଦାର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ହିନ୍ଦାଲକୋ), ବେଦାନ୍ତ ଲିମିଟେଡ୍ ଏବଂ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ସହିତ ମିଳିତ ଭାବରେ ହାତକୁ ନିଆ ଯାଇଥିଲାୟ ଏହି ପ୍ରକଳ୍ପଟି ଆଲୁମିନା ଉତ୍ପାଦର ଏକ ପ୍ରମୁଖ ଶିଳ୍ପ ଉପ-ଉତ୍ପାଦ, ରେଡ୍ ମଡର ବ୍ୟାପକ ବ୍ୟବହାର ପାଇଁ ସମନ୍ୱିତ ପ୍ରକ୍ରିୟା ଫ୍ଲୋ ସିଟ୍ ବିକାଶ କରିବା ଉପରେ ଧ୍ୟାନ ଦେଇଥିଲା।

# ଓଡ଼ିଶାରେ ଲୋକସେବାର ନୂଆ ପରମ୍ପରା ତିଆରି ହୋଇଛି : ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୪।୬ (ମହାଭାରତ):** ଓଡ଼ିଶାରେ ଜନସେବାରେ ସମର୍ପିତ ବିଜେପି ସରକାର ଶାସନର ୧ ବର୍ଷ ପୂର୍ତ୍ତି ପାଳନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଦେଶରେ ୧୧ ବର୍ଷ ଧରି ଏକ କଲ୍ୟାଣକାରୀ ସରକାର ଲୋକଙ୍କ ସେବାରେ ଅଛି । ଓଡ଼ିଶାରେ ମଧ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କଲ୍ୟାଣକାରୀ ଲୋକଙ୍କ ସରକାର କାମ କରୁଛି। ରାଜ୍ୟରେ ବିଜେପି ସରକାରର ସେବା, ସୁଶାସନ ଓ ସଫଳତାର ୧ବର୍ଷ ପୂର୍ତ୍ତି ହୋଇଛି। ବିଗତ ଏକ ବର୍ଷରେ ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ଜନସାଧାରଣଙ୍କ ଜୀବନକୁ ସୁଗମ କରିଛି । ଆମ ସରକାର ଲୋକସେବାର ନୂଆ ପରମ୍ପରା ତିଆରି କରିଛି। ଲୋକମାନଙ୍କ ନିକଟତର ହେବା ସହ ଉତରଦାୟୀ ହୋଇଛି। ଓଡ଼ିଶା ସମେତ ଦେଶରେ ଏକ ବିକାଶମୂଳକ ରାଜନୀତିର ଆରମ୍ଭ ହୋଇଛି – ଯାହାର ମୂଳ ମନ୍ତ୍ର ହେଉଛି ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ । ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ପାଖରେ ପହଂଚୁଛି। ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉଛି । ପ୍ରତ୍ୟେକ ଗରିବର ଅଧିକାର, କୃଷକଙ୍କୁ ସମ୍ମାନ, ଯୁବକଙ୍କୁ ସୁଯୋଗ ଏବଂ ମହିଳା ସଶକ୍ତିକରଣ ସହ ରାସ୍ତା, ରେଳ, ବିମାନସେବା ଏବଂ ଆନୁଷଙ୍ଗିକ ଭିତିଭୂମିକୁ ସୁଦୃଢ଼ କରାଯାଉଛି। 'ସୁଭଦ୍ରା ଯୋଜନା'ରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କୁ ସଶକ୍ତ କରାଯିବା ସହ 'ସମୃଦ୍ଧ କୃଷକ ଯୋଜନା'ରେ ଧାନର କ୍ୱିଣ୍ଟାଲ ପିଛା ଏମଏସପି ମୂଲ୍ୟ ଉପରେ ଅଧିକ ୮୦୦ ଟଙ୍କା ବୃଦ୍ଧି କରାଯାଇଛି । ୨୦୨୪-୨୫ ଖରିଫ ଋତୁରେ ୧୬.୬ ଲକ୍ଷ ଚାଷୀଙ୍କ ଠାରୁ ୭୩.୪୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ଜାତୀୟ ଶିକ୍ଷା ନୀତି -୨୦୨୦ର କାର୍ଯ୍ୟକାରିତା, ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି, ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ୧୧.୨୫% ସ୍ଥାନ ସଂରକ୍ଷଣ ଦିଆଯିବା ଭଳି ଅନେକ କଲ୍ୟାଣକାରୀ ପଦକ୍ଷେପ ନିଆଯାଇଛି, ଯାହା ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଉଛି ।

# ସ୍ୱର୍ଗତ ନୀଳକଣ୍ଠ ମିଶ୍ର ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ

**ଭୁବନେଶ୍ୱର,୧୪।୬ (ମହାଭାରତ):** ୟୁନିଟ୍-୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ନୀଳକଣ୍ଠ ମିଶ୍ର ସେବା ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ମହାନ୍ ଶିକ୍ଷାବିତ୍, ସମାଜସେବୀ ତଥା ବେଗୁନିଆ ଗାନ୍ଧୀ ଭାବେ ସୁପରିଚିତ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ୨୦ତମ ଶ୍ରାଦ୍ଧବାର୍ଷିକ ସହ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠାନର ସଂପାଦକ ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ପୌରହିତ୍ୟ ଓ ସଭାପତି ତଥା ପୂର୍ବତନ ବିଧାୟକ ଖୋର୍ଦ୍ଧା ଡଃ ଦିଲ୍ଲିପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଓ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତୁଳସୀ ବୃକ୍ଷରେ ଅତିଥିମାନଙ୍କ ଦ୍ୱାରା ଜଳ ଅର୍ପଣ କରାଯିବା ସହିତ ସଦାଶିବ ମିଶ୍ରଙ୍କ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ଡଃ ସୁରେନ୍ଦ୍ରନାଥ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗତ କାଲି ବିମାନ ଦୂର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ, ବରିଷ୍ଠ ସାମ୍ବାଦିକ ତଥା ପ୍ରଗତିବାଦୀର କାର୍ଯ୍ୟକାରୀ ସଂପାଦକ ବିରୁପାକ୍ଷ ତ୍ରିପାଠୀ ଉପସ୍ଥିତ ରହିବା ସହ ସ୍ୱର୍ଗତ ମିଶ୍ର ଜଣେ ଆଦର୍ଶ ଶିକ୍ଷାବିତ୍, ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବେଗୁନିଆ ଗାନ୍ଧୀ ଭାବେ ବେଶ ସୁପରିଚିତ ଥିଲେ। ଜଣେ ନୀତିନିଷ୍ଠ ଆଦର୍ଶ ବ୍ୟକ୍ତିତ୍ୱ ଭାବେ ତାଙ୍କ କାର୍ଯ୍ୟଧାରା ଆଗାମୀ ପିଢ଼ି ପାଇଁ ଏକ ଉଦାହରଣ ସୃଷ୍ଟି କରିବ ବୋଲି ମୁଖ୍ୟଅତିଥି ଶ୍ରୀ ମହାପାତ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ଯେ ସରକାର କୁଟୁମ୍ବ ପେନସନ କାର୍ଯ୍ୟକାରୀ କରନ୍ତୁ ଏବଂ ସ୍ୱାଧୀନତା ସଂଗ୍ରାମୀ ଉତରଦାୟଦ ମାନଙ୍କ ପାଇଁ ଆବଶ୍ୟକ ସୁବିଧା କରିବାକୁ ଅନୁରୋଧ କରିଥିଲେ। ସଂପାଦକ ତଥା ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ର ସଂପାଦକୀୟ ବିବରଣୀ ପ୍ରଦାନ କରିବା ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱାଧୀନତା ସଂଗ୍ରାମୀ ଉତରଦାୟଦ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରିବା ସହ ସ୍ୱାଗତ କରିଥିଲେ। ଏହି ଅବସରରେ ୫ ଜଣ ସାରସ୍ୱତ ପ୍ରତିଭା ପ୍ରଫେସର ଡଃ ନିହାର ରଞ୍ଜନ ପଟ୍ଟନାୟକଙ୍କୁ ନୀଳକଣ୍ଠ ମିଶ୍ର ଶିକ୍ଷା ସମ୍ମାନ, ମନୋଜ ଜେନା ସମାଜ ସେବା, ବୀରବର ବିଶ୍ୱାଳ ସ୍ୱାସ୍ଥ୍ୟ ଓ ଶିକ୍ଷା, ଡଃ ବ୍ୟୋମକେଶ ଦିକ୍ଷୀତ ସ୍ୱାସ୍ଥ୍ୟସେବା ଓ ବିଜୟ କୁମାର ତ୍ରିପାଠୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଦାୟଦ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ସର୍ବନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

# ଇନ୍ଦ୍ରାବତୀ-ମହାନଦୀ ନଦୀ ସଂଯୋଗୀକରଣ ଓଡ଼ିଶା ସ୍ୱାର୍ଥବିରୋଧି

**ଭୁବନେଶ୍ୱର,୧୪।୬ (ମହାଭାରତ):** ଛତିଶଗଡ଼ ସରକାର ମହାନଦୀକୁ ନେଇ ଓଡ଼ିଶାର ସ୍ୱାର୍ଥ ସହିତ ଖେଳ ଖେଳିବାରେ ଲାଗିଛନ୍ତି । ଛତିଶଗଡ଼ରୁ ବାହାରିଥିବାର ମହାନଦୀର ଉତ୍ତର ମୁଣ୍ଡରେ ଓ ଏହାର ଉପନଦୀ ମାନଙ୍କରେ ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରି କମ୍ପାନୀମାନଙ୍କୁ ପାଣି ଦେବାରେ ଲାଗିଛନ୍ତି । ଏହାର ପ୍ରତିବାଦ କରି ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କର ଦ୍ୱାରସ୍ଥ ହୋଇଥିବା ସତ୍ୱେ ଓ ଟ୍ରିବ୍ୟୁନାଲରେ ମକଦ୍ଦମା ରୁଜୁ କରିଥିବା ବେଳେ ସମସ୍ୟାର ସମାଧାନ ହୋଇନାହିଁ । ପୁନଶ୍ଚ ଛତିଶଗଡ଼ ସରକାର ଓଡ଼ିଶାକୁ ମରୁଭୂମି କରିବା ପାଇଁ ଆଉ ଏକ ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି । ମହାନଦୀ ଓ ଇନ୍ଦ୍ରାବତୀ ନଦୀରେ ବୃହତ ବ୍ୟାରେଜ୍ କରିବା ସଂଗେ ସଂଗେ ମହାନଦୀ-ଇନ୍ଦ୍ରାବତୀକୁ ନଦୀକୁ ସଂଯୋଗ କରିବା ପାଇଁ 'ବୋଧଘାଟ ପ୍ରକଳ୍ପ" ନିର୍ମାଣ କରିବାକୁ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ନୂଆଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କର ମହାନଦୀ-ଇନ୍ଦ୍ରାବତୀ ସଂଯୋଗୀକରଣ ପ୍ରକଳ୍ପ ଓଡ଼ିଶାବାସୀଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି । ମହାନଦୀ ଓ ଇନ୍ଦ୍ରାବତୀର ଉପରମୁଣ୍ଡରେ ଯଦି ଛତିଶଗଡ଼ ଆହୁରି ବ୍ୟାରେଜ୍ ନିର୍ମାଣ କରେ, ତାହେଲେ ମହାନଦୀକୁ ପାଣି ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ଏବଂ ହୀରାକୁଦ ଜଳଭଣ୍ଡାର ଏକ ମୃତ




ଜଳଭଣ୍ଡାରରେ ପରିଣତ ହେବ । ସେହିଭଳି ଇନ୍ଦ୍ରାବତୀ ନଦୀ ଉପରେ ଯଦି ଛତିଶଗଡ଼ ବ୍ୟାରେଜ୍ ନିର୍ମାଣ କରେ, ତାହେଲେ ରାଜ୍ୟର ପଶ୍ଚିମାଞ୍ଚଳ ମରୁଭୂମି ପାଲଟି ଯିବ । ବିଶେଷତଃ କଳାହାଣ୍ଡି, ନବରଙ୍ଗପୁର, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ପିଇବା ପାଇଁ ମୁନ୍ଦିଏ ପାଣି ମଧ କଷ୍ଟକର ହୋଇପଡ଼ିବ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି । ଆଜି ସନ୍ଧ୍ୟାବେଳେ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ଛକରେ ମହାନଦୀ-ଇନ୍ଦ୍ରାବତୀ ସଂଯୋଗୀକରଣ ବିରୁଦ୍ଧରେ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଏହାର ଆବାହକ ରବି ବେହେରାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଅଛି । ଏହି ବିକ୍ଷୋଭରେ ରାଜ୍ୟର ସ୍ୱାର୍ଥ ପାଇଁ ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ସମସ୍ତ ରାଜନୈତିକ ଦଳ ଓ ଗଣସଂଗଠନ ଛତିଶଗଡ଼ର ଏହି ଓଡ଼ିଶା ବିରୋଧି ପଦକ୍ଷେପ ବିରୁଦ୍ଧରେ ଏକ ହୋଇ ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଛି। ଛତିଶଗଡ଼ ସରକାର ଓଡ଼ିଶାର ଜନମତକୁ ବେଖାତିର କରି ଯଦି ମହାନଦୀ-ଇନ୍ଦ୍ରାବତୀ ପ୍ରକଳ୍ପ ଉପରେ ଆଗକୁ ବଢନ୍ତି, ତାହେଲେ ଏହାର ଜୋର୍‌ଦାର ପ୍ରତିବାଦ କରାଯିବ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କୁହାଯାଇଛି । ଓଡ଼ିଶାର ବିଜେପି ସରକାର, ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରରେ ବିଜେପି ନେତୃତ୍ୱାଧିନ ଏନ୍‌ଡିଏ ସରକାର ମହାନଦୀ ସମସ୍ୟାର ଆଲୋଚନା ମାଧ୍ୟମରେ ଆପୋଷ ସମାଧାନ କରିବା ପାଇଁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ବିନା ସୁରକ୍ଷାରେ ଚାଲିଛି ବ୍ରିଜ ନିର୍ମାଣ

**ଭୁବନେଶ୍ୱର,୧୪।୬ (ମହାଭାରତ):** ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପର ପ୍ୟାକେଜ-୩ ଅର୍ନ୍ତଗତ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କଂରଜକଟା ନିକଟରେ ଉଚ୍ଚତାସମ୍ପନ୍ନ ରେଳ ଓଭରବ୍ରିଜ ନିର୍ମାଣ କାମ ଜାରିରହିଛି । ମାତ୍ର ଶ୍ରମିକଙ୍କ ସୁରକ୍ଷାକୁ ପଛରେ ପକାଇ ବିନା ସେଫ୍ଟି ନେଟ୍‌ରେ ଉଚ୍ଚତା ସମ୍ପନ୍ନ ବ୍ରିଜ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି । ଗାର୍ଡରେ ପଡ଼ିଥିବା ଉଚ୍ଚତା ସମ୍ପନ୍ନ ବ୍ରିଜ ଉପରେ ଶ୍ରମିକମାନେ ଚଳପ୍ରଚଳ କରି କାମ କରୁଥିବାବେଳେ ତଳେ ସେମାନଙ୍କ ସୁରକ୍ଷା ପାଇଁ ସେଫ୍ଟି ନେଟ କାହିଁକି ଲଗାଯାଇ ନାହିଁ ତାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରମିକ ବ୍ୟକ୍ତିଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ୨ମିଟରରୁ ଅଧିକ ଉଚ୍ଚତା ସମ୍ପନ୍ନ ନିର୍ମାଣ କାର୍ଯ୍ୟ ସମୟରେ ସେଫ୍ଟିନେଟ, ଲାଇଫ ଲାଇନ, ସେଫ୍ଟି ବେଲ୍ଟ, ଜ୍ୟାକେଟ, ହେଲମେଟ, ଜୋତା ଭଳି ଉପକରଣ ବ୍ୟବହାର ପାଇଁ କଡା ପ୍ରାବଧାନ ରହିଛି । ହେଲେ ଏତେବଡ ଉଚ୍ଚତା ସମ୍ପନ୍ନ ବ୍ରିଜ ନିର୍ମାଣ ସମୟରେ ଶ୍ରମିକ ସୁରକ୍ଷା ପ୍ରତି ଅଣଦେଖା କରାଯାଉଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ନିର୍ମାଣ ଦାୟିତ୍ୱରେ ଥିବା ରେଲୱେ ମୁଖ୍ୟଯନ୍ତ୍ରୀ ଅଜୟ କୁମାର ସାମଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ସମସ୍ତେ ସୁରକ୍ଷା ଉପକରଣ ପିନ୍ଧି କାମ କରୁଛନ୍ତି । ଏ ପର୍ଯ୍ୟନ୍ତ ସେଫ୍ଟି ନେଟ କାହିଁକି ଲଗାଗଲା ନାହିଁ ପଚାରିବାରୁ ନେଟ ଲଗାଇଲେ କାମ କରିହେଉନାହିଁ, ଆମେ ଏ ଦିଗରେ କଡା ଦୃଷ୍ଟି ଦେଉଛୁ ବୋଲି କହିଥିଲେ।

# ଏନ୍‌ଆଇଏଟି ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୧୪।୬ (ମହାଭାରତ):** ନୀଳାଦ୍ରି ବିହାର ସ୍ଥିତ ଏନ୍‌ଆଇଏଟି କମ୍ପ୍ୟୁଟର ଏଜୁକେସନରେ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଆଇଏଟିର ନିର୍ଦ୍ଦେଶକ ଦେବାଶିଷ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୋଥାଳ ଯୋଗଦେଇ ପିଲାମାନଙ୍କର ଦକ୍ଷତା ବିକାଶ ଘଟିଲେ ଭବିଷ୍ୟତ ଉଜ୍ଜଳ ହେବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଉପ ଆଞ୍ଚଳିକ ନିଯୁକ୍ତି ଅଧିକାରୀ ତପନ କୁମାର ରାଉଳ ଓ ସମ୍ମାନିତ ଅତିଥି ଭାବେ ଆଚାର୍ଯ୍ୟ ହରିହର କଲେଜର ଅଧକ୍ଷ ପବିତ୍ର କୁମାର ରଥ ଯୋଗଦେଇ ଏକ ନିର୍ଦ୍ଦିଷ୍ଟ ବିଷୟରେ ଦକ୍ଷତା ଅର୍ଜନ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସ୍ମାର୍ଟ ଲାଇବ୍ରେରୀ ଓ ଆଇଓଟି ଲାବ୍ ଉଦ୍‌ଘାଟିତ ହେବା ସହିତ ଆଚିଭର୍ସ ସିରିଜ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏନ୍‌ଆଇଏଟି କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲାବେଳେ କମ୍ପିଟେଟିଭ୍ ଶିକ୍ଷା କ୍ଷେତ୍ରରେ ପାଦ ଥାପିଛି। ଏଠାରେ ଛାତ୍ରଛାତ୍ରୀମାନେ ଓଡିଶା ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ନିଯୁକ୍ତି ଭିତ୍ତିକ ପରୀକ୍ଷା ପାଠ୍ୟକ୍ରମ




ଯଥା ବ୍ୟାଙ୍କିଂ, ଏସ୍‌ଏସ୍‌ସି, ରେଲୱେ, ଏଏସ୍‌ଓ, ଓଏସ୍‌ଏସ୍‌ସି, ବିଇଡି ଓ କ୍ଷିପ୍ରଲିପି ଉପରେ କୋଚିଂ ଗ୍ରହଣ କରିପାରିବେ। ଆଇଓଟି ଲାବ୍ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିକ୍ଷା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଶ୍ରୀ ପରିଡା କହିଛନ୍ତି। କାର୍ଯ୍ୟକ୍ରମକୁ ସିଇଓ ନନ୍ଦିତା ପରିଡା, ସୌହାର୍ଦ୍ଦ୍ୟ ସ୍ୱାଇଁ, ଜ୍ୟୋତିରଞ୍ଜନ ଖଟୁଆ, ଆନନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# କୋର୍ଟରେ ଦୋଷୀ ସାବ୍ୟସ୍ତ

ଭାରତରେ ଜଣେ ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯାଇଥାଏ। ତେଣୁ ଅନେକ ସମୟରେ ବେନିଫିଟ ଅଫ ଡାଉଟରେ ଅନେକ ଦଣ୍ଡରୁ ତ୍ରାହି ପାଇଯାଆନ୍ତି। ସେହିପରି ଅନେକ ସମୟରେ ପ୍ରଚଳିତ ଆଇନର ଦୁରୂପଯୋଗ ମଧ୍ୟ ହେଉଥିବାରୁ ଅଭିଯୋଗ ଆସୁଛି। ଏହା ଏକ ମାରତ୍ମକ ଘଟଣା। ଆଉ ଅନେକ ମାମଲାର ଫିସଲା ଏତେ ବିଳମ୍ବ ହେଉଛି ଯେ, ଏହାର କିଛି ମୂଲ୍ୟ ରହୁନି। ୟୁପିରେ ଏକ ଗଣହତ୍ୟା ମାମଲାର ରାୟ ୪୪ ବର୍ଷ ପରେ ପ୍ରକାଶ ପାଇଲା। ୧୯୮୪ ଶିଖ ବିରୋଧୀ ଦଙ୍ଗାରେ ଅଭିଯୁକ୍ତ ସଜ୍ଜନ କୁମାରଙ୍କୁ ୪୦ ବର୍ଷ ପରେ ଜେଲ ଦଣ୍ଡାଦେଶ ହୋଇଛି। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ସେଥିନେଇ ସୁପ୍ରିମକୋର୍ଟ ଅନେକ ଥର ଉଦବେଗ ପ୍ରକାଶ କରିବା ସହିତ ଏହାର ନିରାକରଣ ଲାଗି ପରାମର୍ଶ ଦେଇଛନ୍ତି ଯାହା ଯଥାର୍ଥ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଅନସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନର ଦୁରୂପଯୋଗ ରୋକିବାକୁ ଏକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଆଇନକୁ କେତେକ ଅସ୍ତ୍ର କରୁଛନ୍ତି ଏବଂ ମିଥ୍ୟା ଅଭିଯୋଗ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଅଭିଯୋଗ ଆସିବା ମାତ୍ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ଏବଂ ଜାମିନ ଖାରଜ ହେଉଛି। ଅନେକ ସମୟରେ ବିନା ଦୋଷରେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡୁଛି। ସମାଜ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି। ଅନେକ କ୍ଷେତ୍ରରେ ସାମାଜିକ ନ୍ୟାୟ ନାମରେ ଅନ୍ୟାୟ ହେଉଛି। ଜେଲ ଯିବା ଭୟରେ ଜଣେ ସରକାରୀ ଅଧିକାରୀ ନିଜ ଅଧିନସ୍ଥ ଅନ୍ୟ ଜଣେ କର୍ମଚାରୀ ଯଦି ସେ ଏସଟି/ଏସସି ସମ୍ପ୍ରଦାୟର ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭୟ କରୁଛନ୍ତି। ତେଣୁ ସୁପ୍ରିମକୋର୍ଟ କହିଥିଲେ ଯେ, ଅଭିଯୋଗ ଆସିବା ପରେ ତତ୍କାଳଅଭିଯୁକ୍ତଙ୍କୁ ଗିରଫ ନକରି ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ପ୍ରାଥମିକ ପ୍ରମାଣ ସଂଗ୍ରହ କରନ୍ତୁ। ପ୍ରାଥମିକ ପ୍ରମାଣ ମିଳିବା ପରେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏଥିପାଇଁ ଅତି ବେଶୀରେ ୧୫ ଦିନ ସମୟ ଦିଆଯାଉ। ଏହା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ସୁପ୍ରିମକୋର୍ଟ କାହା ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିବାକୁ କହିନଥିଲେ। କେବଳ ପ୍ରମାଣ ସଂଗ୍ରହ କରିବାକୁ କହିଥିଲେ। ଅଭିଯୋଗର ୧୫ ଦିନ ପରେ ଅଭିଯୁକ୍ତ ଗିରଫ ହେଲେ ଅଭିଯୋଗକାରୀ ଅନ୍ୟାୟର ଶିକାର ହେବେ ସେକଥା ନୁହେଁ। କିନ୍ତୁ ଆଇନର ଦୁରୂପଯୋଗ ନହେଉ, କେହି ବିନା ଦୋଷରେ ଦଣ୍ଡିତ ନହେଉ ସୁପ୍ରିମକୋର୍ଟ କେବଳ ଏହା ଚାହୁଁଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ପ୍ରବଳ ଜନଆନ୍ଦୋଳନ ହେଲା। ଅନେକ ସ୍ଥାନରେ ହିଂସା ଯୋଗୁ ଧନଜୀବନ ହାନି ହେଲା। ଅନେକ ସରକାରୀ ସମ୍ପତ୍ତି ନଷ୍ଟ ହେଲା। ଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହେଲା। ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଏହି ଆନ୍ଦୋଳନ ସରକାରଙ୍କୁ ଏହା ଉପରେ ପୁନର୍ବିଚାର କରିବାକୁ ବାଧ୍ୟ କରିଥିଲା। କିଛି ବିରୋଧୀ ରାଜନୈତିକ ଦଳ ଏହାକୁ ସରକାରଙ୍କ ବିରୋଧରେ ଅସ୍ତ୍ର କଲେ। ଭୋଟ ବ୍ୟାଙ୍କ ରାଜନୀତି ବା ସନ୍ତୁଷ୍ଟିକରଣ ରାଜନୀତି ଯୋଗୁ ଏଭଳି ହେଲା। ଶେଷରେ ସରକାର ଚାପରେ ପଡ଼ି ମୁଣ୍ଡ ନୁଆଁଇଲେ ଏବଂ ଆଇନରେ ସଂଶୋଧନ କଲେ। ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇଗଲା। ଏବେ ଯୌତୁକ ନିରୋଧ ଆଇନର ଦୁରୂପଯୋଗ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ପରାମର୍ଶ ଦେଇଛନ୍ତି ତାହା ମୂଲ୍ୟହୀନ ହୋଇନଯିବ ବୋଲି କୁହାଯାଇପାରିବ ନାହିଁ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ଏର ଦୁରୂପଯୋଗ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହି ଆଇନ ଅନୁଯାୟୀ କିଛି ମହିଳା ନିଜ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ବିରୋଧରେ ମିଥ୍ୟା ଯୌତୁକ ଅଭିଯୋଗ ଆଣି ମାନସିକ ନିର୍ଯାତନା ଦେଉଥିବା ଏବଂ ବ୍ଲାକ ମେଲ କରୁଥିବା ଅଭିଯୋଗ ହେଉଛି। ନିକଟରେ ବୋଙ୍ଗାଲୁରୁର ଜଣେ ଯୁବ ଇଞ୍ଜିନିୟର ପତ୍ନୀଙ୍କ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିବା ଘଟଣା ପରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଆଇନ ନାଗରିକର ସୁରକ୍ଷା ଏବଂ ନ୍ୟାୟ ପାଇଁ ଉଦ୍ଦିଷ୍ଟ। କାହା ପ୍ରତି ଅନ୍ୟାୟ ହେବା ଏବଂ ବିନା ଦୋଷର କାହାରିକୁ ଦଣ୍ଡ ଆଇନର ଅଭିପ୍ରାୟ ନୁହେଁ।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

> *"ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।*

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମାଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳା ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୭ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

॥ ଅନୀତା ପଟ୍ଟନାୟକ ॥

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା 'ଓଁ ଶ୍ରୀ କୋଲାହଲପ୍ରିୟାୟ ନମଃ'। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ 'ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ'। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛି। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚି ।ପରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼େନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। 'ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ'। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?



ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କଫୋର୍ସର ଷଡଯନ୍ତ୍ରକାରୀ

॥ ସୌମେନ୍ଦ୍ର ଜେନା ॥

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ। ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧ୍ୟକ୍ଷ ୪ବର୍ଷ ଧରି ରହିଥିଲେ। ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚରିଟିଜର ଅଧ୍ୟକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ। ୧୯୬୭ରେ ଏହା ଆରମ୍ଭ ହୋଇଥିଲା। ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା। ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି। ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି। ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ। ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ। ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା। ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି। ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମୁଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍‌ସରେ ମଧ୍ୟ କାର୍ଯ୍ୟ କରିଥିଲେ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍କାଇଥିଲେ। ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚାରିଆଡୁ ଚାନ୍ଦା ସଂଗ୍ରହ କରିଛି। କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି। କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚାନ୍ଦା ସଂଗ୍ରହ କରିଥିଲା। ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା। ଅଲ୍ ଖିଦମତ ହିଜବୁଲ ମୁଜାହିଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ। କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି। ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର। ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ। ସେବା ଆଳରେ ସନ୍ତ୍ରାସର ଚାରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ରିବବାର, ୧୫ ଜୁନ, ୨୦୨୫




## ସାଙ୍ଗ ନେଲା ସାଙ୍ଗର ଜୀବନ

ଗଣିଆ, (ମହାଭରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ପଣ୍ଡ୍ରାସିଙ୍ଗା ଗ୍ରାମରେ ଶନିବାର ଦିନ ଦୁଇ ବନ୍ଧୁ ଙ୍କ ମଧ୍ୟରେ ହୋଇଥିବା ସାଧାରଣ ବିବାଦ ରୁ ଏକ ହତ୍ୟାକାଣ୍ଡରେ ପରିଣତ ହୋଇଥିଲା ।ସୁଚନା ଅନୁଯାୟୀ ଦୁଇ ବନ୍ଧୁ ଙ୍କ ମଧ୍ୟରେ କିଛି ସାଧାରଣ ବିଷୟକୁ ନେଇ କଥା କାଟାକାଟି ଆରମ୍ଭ ହୋଇଥିଲା । କିନ୍ତୁ ଏହି ବଚସା ହିଂସ୍ର ଆଡ଼କୁ ଗତି କରିଥିଲା । ଜଣେ ବନ୍ଧୁ ଅନ୍ୟ ବନ୍ଧୁଙ୍କୁ ଧାରୁଆ ଅସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ । ଆକ୍ରମଣରେ ଗୁରୁତର ହୋଇଥିଲେ । ଖବର ପାଇ ପରିବାର ର ଲୋକମାନେ ଗୁରୁତର ଙ୍କୁ ଘଟଣାସ୍ଥଳରୁ ସଙ୍ଗେ ସଙ୍ଗେ ଗଣିଆ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ଗୁରୁତର ଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।ମୃତ ବ୍ୟକ୍ତି ଜଣକ ହେଲେ ପଣ୍ଡାରସିଙ୍ଗା ଗ୍ରାମର ନରୋତ୍ତମ ପ୍ରଧାନ ଙ୍କ ପୁଅ ପୁରୁଷୋତ୍ତମ ପ୍ରଧାନ ଏବଂ ଆକ୍ରମଣ କରିଥିବା ବନ୍ଧୁ ହେଲେ ଟିଣା ରାଉତଙ୍କ ପୁଅ ଗଙ୍ଗାଧର ରାଉତ ବୋଲି ଜଣାପଡିଛି । ଘଟଣା ସ୍ଥଳରୁ ଫେରାର ହେବା ସମୟରେ ଉପସ୍ଥିତ ଗ୍ରାମବାସୀ ଗଙ୍ଗାଧର ରାଉତ କାବୁକରିଥିଲେ । ପରେ ଗଣିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ମୃତ ଦେହକୁ ଜବତ କରିବା ସହ ମୃତଦେହକୁ ସବବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି ।ଏହି ଦୁଃଖଦ ଘଟଣା ପଣ୍ଡ୍ରାସିଂଘା ଗ୍ରାମକୁ ଶୋକାଚ୍ଛନ୍ନ କରିଦେଇଛି, କାରଣ ଦୁଇଜଣ ଅତି ଘନିଷ୍ଠ ବନ୍ଧୁ ଥିଲେ ବୋଲି ଜଣାପଡ଼ିଛି ।

## ସର୍ବ ଭାରତୀୟ ସ୍ତର ନିଟ୍‌ରେ ଉତୀର୍ଣ୍ଣ ହେଲେ ଚାଷୀ ଘର ପୁଅ



ଅସ୍ତରଙ୍ଗ, (ମହାଭରତ): ଚଳିତ ବର୍ଷ ସର୍ବ ଭାରତୀୟ ସ୍ତରରେ ନୀଟ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ଅସ୍ତରଙ୍ଗ ଅଣଚମ୍ପା ଗ୍ରାମ ର ହେମନ୍ତ କୁମାର ବସ୍ତିଆ ଓ ମମତା ବସ୍ତିଆଙ୍କ ପୁଅ ଶୁଭ୍ରାଂଶୁ ଶେଖର ବସ୍ତିଆ ସର୍ବ ଭାରତୀୟ ସ୍ତର ରେ ୭୧୩୫ ରେଙ୍କ ପାଇ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି । ଯୁକ୍ତ୨ ବିଜ୍ଞାନ ପାସ୍ କରିବା ପରେ ପ୍ରଥମ ଥର ନିଟ୍ ଦେଇଥିଲେ କିନ୍ତୁ ସଫଳତା ପାଇନଥିଲେ ଶୁଭ୍ରାଂଶୁ, ମାତ୍ର ପରିବାରର ସହଯୋଗ ଓ ପ୍ରୋତ୍ସାହନ ପାଇଁ ପୁନଃବାର ଏହି ସଫଳତା ହାସଲ କରିଛନ୍ତି । ଜୀବନରେ ଡାକ୍ତର ହୋଇ ରୋଗୀ ସେବା କରିବା ଲକ୍ଷ ରଖିଥିବା ଏହି ଉଦୀୟମାନ ଯୁବକ ନିଜ ର ଚେଷ୍ଟା ଓ ପରିଶ୍ରମ ପାଇଁ ଆଜି ଏହି ସଫଳତା ହାସଲ କରିଛନ୍ତି । ଯାହାକୁ ନେଇ ଅସ୍ତରଙ୍ଗ ଶିଶୁମନ୍ଦିର ଗୁରୁଜୀ, ପରିବାର ଓ ଗ୍ରାମବାସୀଙ୍କ ସମେତ ବନ୍ଧୁପରିଜନଙ୍କ ଶୁଭେଚ୍ଛା ଛୁଟିଛି ଶୁଭ୍ରାଂଶୁଙ୍କ ପ୍ରତି, ବାପା ଜଣେ କୃଷି ମାତ୍ର ପୁଅ କୁ ଡୋନେସନ ଦେଇ କର୍ପୋରେଟ ମେଡିକାଲ କଲେଜରେ ପାଠ ପଢ଼େଇବାକୁ ସକ୍ଷମ ନଥିଲେ କିନ୍ତୁ ପୁଅ ର ଦୃଢ ବିଶ୍ୱାସ ଓ ମନୋବଳ ପାଇଁ ପରିବାର ସ୍ୱପ୍ନ ଦେଖୁଥିଲେ । ଆଜି ସେହି ସ୍ୱପ୍ନ ସାକାର ହୋଇଛି ।

## ଆମ ପୋଲିସ ସେମିତି ବୈଠକ ସାଇବର ଠକେଇ ଉପରେ ସଚେତନତା

କରଞ୍ଜିଆ, (ମହାଭରତ): ଠାକୁରମୁଣ୍ଡା ଥାନା ରେ ଆମ ପୋଲିସ ସେମିତି ବୈଠକ ଥାନାଅଧିକାରୀଣୀ ସାବିତ୍ରୀ ଦଲେଇଙ୍କ ଆବାହକତ୍ୱରେ ଥାନା ପ୍ୟାରିସରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ସାଇବର ଠକେଇ ପ୍ରତି ସଚେତନ ହେବାକୁ ପରାମର୍ଶ ଦେବା ସହ ସମସ୍ୟା ରେ ପଡିଲେ ୧୯୩୦ ର ସହଯୋଗ ନେବାକୁ କହିଥିଲେ । ସଭାପତି ବସନ୍ତ କୁମାର ପଇବର୍ତୀ କିପରି ଉପାୟରେ ସାଇବର ଠକେଇ ହେଉଛି ସେ ସମ୍ପର୍କ ରେ ସୂଚନା ଦେଇ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ । ବିମଳ ସେନାପତି , ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ,ଠାକୁରମୁଣ୍ଡା ସରପଞ୍ଚ ସୁଜିତ୍ କୁମାର ଲୁଗୁନ,ଶରତ ତ୍ରିପାଠୀ ଆଇନଜୀବୀ ଅଜୟ ଦାସ ପ୍ରମୁଖ ବାକତ୍ୟବ ରଖିଥିଲେ । ଏହି ବୈଠକ ରେ ସାମ୍ବାଦିକ, ବୁଦ୍ଧିଜୀବୀ, ସାଧାରଣ ନାଗରିକ ଉପସ୍ଥିତ ଥିଲେ । ଶେଷରେ ଏଏସଆଇ ଅନିତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଉଗ୍ରତାରାରେ ରଜ ଉତ୍ସବ

ଗଜପତି, (ମହାଭରତ): ଓଡିଆ ମାନଙ୍କର ଗଣ ପର୍ବ ରଜ ପର୍ବ ପାଇଁ ଗାଁ ଠାରୁ ସହର ହୋଇ ଉଠିଛି ଉତ୍ସବ ମୁଖର । ଗାଁ ଗାଁ ରେ ଯମୁଛି ରଜ ପର୍ବ ।ରଜ ପର୍ବ ଅବସରରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ମୂଳିଝର ଗଡ଼ରେ ଥିବା ମା ଉଗ୍ରତାରାଙ୍କ ମନ୍ଦିରରେ ଯମୁଛି ଭକ୍ତଙ୍କର ଗହଳି ଚହଳି । ରଜ ପର୍ବ ପାଇଁ ଭୋର ସମୟରେ ମା ଉଗ୍ରତାରାଙ୍କର ଦ୍ୱାର ଫିଟା ନୀତି ପରେ ଅନୁଷ୍ଠିତ ହୋଇଥିଲା । ଏହା ପରେ ମହାସ୍ନାନ ନୀତି ସମ୍ପନ୍ନ କରାଯାଇଥିଲା ।ମହା ସ୍ନାନ ନୀତି ପରେ ମଙ୍ଗଳ ଆଳତି ସହ ବାଳ ଭୋଗ ନୀତି ହୋଇଥିଲା ସମ୍ପନ୍ନ ।ମା ଉଗ୍ରତାରଙ୍କୁ ନବ ବସ୍ତ ପରିଧାନ କରାଯିବା ସହ ମାଙ୍କୁ ନିଜ ବେଶ ପହଲି ରଜ ବେଶରେ ଆଭୂଷିତ କରାଯାଇଥିଲା । ଏହା ପରେ ଭକ୍ତ ମାନେ ମାଙ୍କୁ ଦର୍ଶନ କରୁଛନ୍ତି ।ମାଙ୍କର ଦର୍ଶନ ପାଇଁ ଲାଗୁଛି ଭକ୍ତ ମାନଙ୍କର ଗହଳି ଚାହଳି । ଭକ୍ତ ମାନେ ମାଙ୍କୁ ଦର୍ଶନ କରି ହେଉଛନ୍ତି କୃତ୍ୟ କୃତ୍ୟ । ଭକ୍ତ ମାନଙ୍କର ଭୀଡ଼ କୁ ନଜର ରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟପକ ବନ୍ଦୋବସ୍ତ କରାଯାଉଅଛି ।

## ଶାନ୍ତି ଶକ୍ତି ଭବନରେ ଆଧ୍ୟାତ୍ମିକ ସ୍ନେହ ମିଳନ

ଆସିକା, (ମହାଭରତ): ଆସିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ପୌରୋହିତ୍ୟରେ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଆସିକା ଚିନି ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡାଃ ସୁଶାନ୍ତ କୁମାର ପଣ୍ଡା, ଆସ୍କା ବିଡିଓ ଲିପିନା ଦାସ ଓ ଭୁବନେଶ୍ୱର ସ୍ଥିତ ଶିକ୍ଷା ଗ୍ରାମ ଫାଉଣ୍ଡେସନ୍ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟୀ ଅର୍ଚ୍ଚନା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ସମାଜର ବିଭିନ୍ନ ବର୍ଗର ଭଉଣୀ ଭାଇଙ୍କୁ ଆଧ୍ୟାତ୍ମିକ ସ୍ତରରେ ସଶକ୍ତ କରିବା ପାଇଁ ରାଜଯୋଗ ଶିକ୍ଷା ଦ୍ୱାରା ପରିଚାଳିତ ବହୁମୁଖୀ ସେବା ଯୋଜନାର ସୂଚନା ଦେଇଥିଲେ ଏବଂ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ସପ୍ତାହବ୍ୟାପୀ ନିଃଶୁଳ୍କ ସହଜ ରାଜଯୋଗ ଅଭ୍ୟାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ସହରବାସୀ ସମସ୍ତ ଭଉଣୀ ଭାଇଙ୍କୁ ଏଥିରେ ଯୋଗ ଦେବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ପରିଚାଳନା ନିର୍ଦ୍ଦେଶକ ଡାଃ ସୁଶାନ୍ତ କୁମାର ପଣ୍ଡା ରାଜଯୋଗର ଅଭ୍ୟାସ ବ୍ୟକ୍ତି ଗତ ଜୀବନ ଓ କର୍ମକ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ସହିତ ଦୃଢ଼ ଆତ୍ମ ବିଶ୍ୱାସ ରକ୍ଷା କରିବାରେ ସହାୟକ ହେଉଥିବା ହେତୁ ସେ ନିଜର ଦୈନନ୍ଦିନ ଜୀବନ ଶୈଳୀରେ ଏହା କୁ ସାମିଲ୍ କରିଥିବା ପ୍ରକାଶ କରିଥିଲେ ।

# ଟ୍ରାଫିକ ସମସ୍ୟା ପାଇଁ ଘଟିଲା ଭୟଙ୍କର ଦୁର୍ଘଟଣା



ଅସ୍ତରଙ୍ଗ, (ମହାଭରତ): ଦିନକୁ ଦିନ ଅସ୍ତରଙ୍ଗ ବଜାର ରେ ଟ୍ରାଫିକ ସମସ୍ୟା ଦ୍ରୁତ ଗତି ରେ ବଢ଼ିବାରେ ଲାଗିଛି, ବାରମ୍ବାର ଜବରଦଖଲ ଉପରେ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ପରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ, କିଛି ଯୁବକ ନିଶାସକ୍ତ ହୋଇ ଏଭଳି ଗାଡି ଡ୍ରାଇଭ କରୁଛନ୍ତି କେଉଁ ମୁହୂର୍ତ୍ତ ରେ କଣ ଘଟିଯିବ ତାହା ଅନୁଧ୍ୟାନ କରାଯାଇପାରିବନି, ଗୋଟେ ପଟେ ଅସ୍ତରଙ୍ଗ ସାପ୍ତାହିକ ହାଟ ଓ ଅନ୍ୟ ପଟେ ରଜ ବଜାର, ଆଜି ଅସ୍ତରଙ୍ଗ ବଜାର ରେ ନାହି ନଥିବା ଭିଡ଼ କିନ୍ତୁ ଅସ୍ତରଙ୍ଗ ପୋଲିସ ତରଫରୁ ଆଜିର ଦିନରେ ଟ୍ରାଫିକ କଣ୍ଟ୍ରୋଲ ପାଇଁ କୌଣସି ବ୍ୟବସ୍ଥା ନାହି, ଯାହା ଫଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ର ଶିକାର ହୋଇ ଭୁବନେଶ୍ୱର କ୍ୟାପିଟାଲ ରେଫର ହୋଇଛନ୍ତି ଜଣେ ବୟସ୍କ ବ୍ୟକ୍ତି, ସୂଚନା ମୁତାବକ ଉକ୍ତ ବ୍ୟକ୍ତି ଜଣଙ୍କ ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମ ର ମକରା ବେହେରା,ପାଦରେ ଚାଲି ଚାଲି ରାସ୍ତା ପାର ହେଉଥିବା ବେଳେ ଅସ୍ତରଙ୍ଗ ମୁଖ୍ୟ ବଜାର ରୁ କନ୍ତପହରା ଗ୍ରାମ ର ୨୮ ବର୍ଷୀୟ ଯୁବକ ମଣ୍ଟୁ ସ୍ୱାଇଁ ଏକ କଳା ରଙ୍ଗ ର ଟିଭିଏସ ସ୍କୁଟି (ଓ ଡି -୧୩ୟୁ -୮୨୯୧) ଦ୍ରୁତ ଗତି ରେ ଆଣି ବ୍ୟକ୍ତି ଙ୍କ ଉପରେ ସିଧା ଚଢାଇ ଥିଲେ, ଘଟଣା ସ୍ଥଳରେ ବ୍ୟକ୍ତି ଜଣଙ୍କ ଗୁରୁତ୍ୱର ଓ ରକ୍ତାତ ଅବସ୍ଥା ରେ ପଡିଯାଇଥିଲେ, ଦୁର୍ଘଟଣା ଘଟାଇ ଥିବା ଯୁବକ ର ଡାହାଣ ପଟ ଆଖି ଉପର ପତା ରେ ସାମାନ୍ୟ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ବେଳେ ବୟସ୍କ ବ୍ୟକ୍ତି ଜଣକ ଗୁରୁତ୍ୱର ହୋଇଛନ୍ତି, ଘଟଣା ସ୍ଥଳରେ ୨୦୦ ରୁ ଉର୍ଦ୍ଧ ଲୋକ ଗଦା ହେଇଥିଲେ, ଘଟଣା ସ୍ଥଳରୁ ସମାଜସେବୀ ଭାଗିରଥି ଲେଙ୍କା ଉଦ୍ଧାର କରି ନିଜ ବାଇକ ରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା କରାଇଥିଲେ ମାତ୍ର ରୋଗୀ ର ଅବସ୍ଥା ଗୁରୁତ୍ୱର ଥିବାରୁ ଉପସ୍ଥିତ ଡାକ୍ତର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଛନ୍ତି ।

## ଗୋପାଳପୁର-ରେଢାଖୋଲ ରେଳ ପ୍ରକଳ୍ପ ତ୍ୱରାନ୍ୱିତ ଦାବି

ଭଞ୍ଜନଗର, ୧୪/୬ : ଗୋପାଳପୁର-ରେଢାଖୋଲ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦାବି ନେଇ ଶୁକ୍ରବାର ଦକ୍ଷିଣ ଓଡିଶା ରେଳପଥ ଓ ସାମୁହିକ ଭିତ୍ତିଭୂମୀ ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭଞ୍ଜନଗର ଠାରେ ଜନସଚେତନତା ରଥ ପରିକ୍ରମା କରିଛି । ଏହି ରଥ ବ୍ରହ୍ମପୁରରୁ ବାହାରି ହିଞ୍ଜିଳିକାଟୁ,ଆସିକା ସହର ପରିକ୍ରମା କରିବା ପରେ ଅପରାହ୍ନରେ ଭଞ୍ଜନଗର ଠାରେ ପହଞ୍ଚିଥିଲା । ସହର ଉପକଣ୍ଠ ବାଇପାସ୍ ଛକରେ ବାଉଁଲୁଣ୍ଡି ଗ୍ରାମବାସୀ ମାନେଙ୍କ ସହ ସ୍ଥାନୀୟ ସରପଞ୍ଚ ଏବଂ ଘୁମୁସର ବାହୀନି ,ରାଧାକୃଷ୍ଣ ପାଠାଗାର, ରାଧାକୃଷ୍ଣ ନଦିଆ ସଂଘ ସହ ଜନସେଚେତନାତା ରଥରେ ଆସିଥିବା ସମସ୍ତ ସଦସ୍ୟ ଙ୍କୁ ଫୁଲ ଚନ୍ଦନ ଦେଇ ବାଉଁଲୁଣ୍ଡି ବାଇପାସ୍ ଛକ ଠାରେ ସ୍ୱାଗତ କରିବା ସହ ପାଛୁଟି ନିଆଜାଇଥିଲା । ବିଭିନ୍ନ ଅନୁଷ୍ଠାନ ର ସଦସ୍ୟ ପ୍ରଥମେ ଚକରା ବିଷୋୟୀ ଛକରେ ପହଞ୍ଚି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ବାଇକ ଶୋଭାଯାତ୍ରା ଭେଜିପୁଟ,ଷ୍ଟେଟ୍ ବ୍ୟାଙ୍କ ଛକ,ଖାଲାସାହି, ମେନ୍ ରୋଡ ଅତିକ୍ରମ କରି ମହାବୀର ଛକ ଠାରେ ପହଞ୍ଚିଥିଲା । ସେଠାରେ ରଥ ସହ ଆସିଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ସ୍ଥାନୀୟ ଓକିଲ ସଂଘର ଆହ୍ୱନକ୍ରମେ ଆସିଥିବା ବଣିକ ସଂଘ,ଘୁମୁସର ବାହିନୀ,ବରିଷ୍ଠ ନାଗରିକ ମଞ୍ଚ,ଶିକ୍ଷାବିତ୍,ବିଭିନ୍ନ ସଂଘର କର୍ମକର୍ତ୍ତା ଯୋଗଦେଇ ରେଳପଥର ଆବଶ୍ୟକତା ଓ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁରରୁ ଆସିଥିବା କମିଟିର ଆବାହକ ସରୋଜ ପଟ୍ଟନାୟକ,ପ୍ରିତିଶ ପାଣିଗ୍ରାହୀ,ବାଳକୃଷ୍ଣ ପଣ୍ଡା,ଆଦିତ୍ୟ ରଥ,ରାଜେନ୍ଦ୍ରକୁମାର ପଣ୍ଡା,ଲକ୍ଷ୍ମୀ ନାରାୟଣ ପାଢୀ,ବିନୋଦ ଠାକୁର,ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ,ଓକିଲ ସଂଘ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର,ସମ୍ପାଦକ ଜ୍ୟୋତିରାଜ ପତି,ଉପସଭାପତି ସନ୍ତୋଷ ନାୟକ,ରାଜେନ୍ଦ୍ର ପ୍ରସାଦ ପ୍ରଧାନ,ପ୍ରଶାନ୍ତ ମହାନ୍ତି,ସରପଞ୍ଚ ଉଦ୍ଧବ କୁମାର ମିଶ୍ର,ଧବଳେଶ୍ୱର ମାଝି,ସମୀର ନାୟକ,ସନ୍ତୋଷ ପାଳ,ଜଗବନ୍ଧୁ ଜେନା,ସନ୍ତୋଷ ଜେନା,ଗୌରୀ ଶଙ୍କର ପାତ୍ର,ସୁଶାନ୍ତ ମହାପାତ୍ର,ଭଞ୍ଜ କିଶୋର ପ୍ରଧାନ,ନଚିକେତା ପ୍ରଧାନ,ମାଧବ ନାୟକ,ଦେବାଶିଷ ସାହୁ,ଅରକ୍ଷିତ ପରିଚ୍ଛା ଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ଆମ ଗାଁ ରଜରେ ବିନ୍ଦୁ ମହାନନ୍ଦଙ୍କୁ ସର୍ବଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ପୁରସ୍କାର



ଗୋଲାମୁଣ୍ଡା, (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଙ୍କୁ ସର୍ବଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ଭାବେ ପୁରସ୍କାର କରାଯାଇଛି । ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପ ଠାରେ ଆୟୋଜିତ 'ଆମ ଗାଁ ରଜ' କାର୍ଯ୍ୟକ୍ରମ ରେ ଏହି ପୁରସ୍କାର ଦିଆଯାଇଛି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ,ଯାଜପୁର ସାଂସଦ, ବରିଷ୍ଠ ସାମ୍ବାଦିକ ତଥା ସମ୍ବାଦ କନକ ନ୍ୟୁଜ ଫାଉଣ୍ଡର ସୌମ୍ୟ ରଞ୍ଜନ ପଟ୍ଟନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ସୁର ରାଉତ ରାୟ, ଫୋକସ ପ୍ଲସ ଫାଉଣ୍ଡର ସୁଧାଂଶୁ ରାଉତ ପ୍ରମୁଖ ଙ୍କ ଉପସ୍ଥିତି ରେ ଶ୍ରୀ ମହାନନ୍ଦ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।ତେବେ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ସଦାସର୍ବଦା ନିଷ୍ଠା ଓ ସେବା ମନ ବୃତ୍ତି ନେଇ ସାଧାରଣ ଜନତା ଙ୍କ ଆସ୍ଥା ଭାଜନ ହେବାରେ ଚର୍ଚ୍ଚା ପରିସର କୁ ଆସିଛନ୍ତି ।ସେ ସରକାରୀ ଯୋଜନା ହେଉ ଅବା ଲୋକ ଙ୍କ ବିଭିନ୍ନ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ତତ୍କାଳୀନ ସେବା ଯୋଗାଇ ଦେବାରେ ରାଜ୍ୟ ର ପ୍ରଥମ ବ୍ଲକ ଅଧ୍ୟକ୍ଷ ଭାବେ ପରିଗଣିତ ହୋଇପାରିଛନ୍ତି ।ନିଜ କୌଶଳ ଦକ୍ଷତା ଭାବେ ଘର ମୁହଁ ରେ ସେବା କାର୍ଯ୍ୟକ୍ରମ କରି ଏକ ଉଦାହରଣ ପାଲଟିଛନ୍ତି ।ଦିନ କୁ ଦିନ ସାଧାରଣ ଜନତାଙ୍କ ବିଶ୍ୱାସ ଆସ୍ଥା ଭାଜନ ତାଙ୍କ ପ୍ରତି ବୃଦ୍ଧି ପାଇଛି । ନିଜ ବାସ ଗୃହ ଓ କାର୍ଯ୍ୟାଳୟ ଠାରେ ଅଭିଯୋଗ ପ୍ରକୋଷ୍ଠ ରେ ଶହ ଶହ ଲୋକଙ୍କ ସମାଗମ ନଜିର ଏକ ସ୍ୱଷ୍ଟ ପ୍ରତିପାଦିତ କରେ ।ସେ ପୁରସ୍କୃତ ହୋଇଥିବା ଖବର ଅଞ୍ଚଳରେ ପ୍ରଘଟ ହେବା ପରେ ସାଧାରଣ ଜନତା ଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଖୁସିର ଲହରୀ ଖେଳି ଯାଇଛି ।ଏପରିକି ଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ପୁରସ୍କାର ଶ୍ରୀ ମହାନନ୍ଦ ଙ୍କୁ ବିବେଚିତ କରିଥିବା ଆୟୋଜକ କାର୍ଯ୍ୟକ୍ରମ କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଜିଲ୍ଲା ସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦଯାପିତ

କଳାହାଣ୍ଡି, (ମହାଭରତ): କେନ୍ଦ୍ର ସରକାରଙ୍କ ୧୩ ବର୍ଷ ଏବଂ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ତରଫରୁ ସ୍ଥାନୀୟ ଭବାନୀପାଟଣା ସ୍ଥିତ ଲାଲ ବହାଦୁର ଖେଳପଡିଆ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ପାଠ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ବିକାଶ ମେଳା-୨୦୨୫ ଗତ ତା ୧୨ ତାରିଖରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲୁରହିଅଛି । ଏହି କ୍ରମରେ ବିକାଶ ମେଳା -୨୦୨୫ ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ତରଫରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ଏକ ଜିଲ୍ଲା ସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ସଂଘର ସହଯୋଗରେ ସମାପନ ହୋଇଯାଇଅଛି । କେବଳ ୧୫ ବର୍ଷରୁ କମ ବାଳକ ବିଭାଗ ଯୁଗଳ ପ୍ରତିଯୋଗିତା ଏବଂ ୧୯ ବର୍ଷରୁ କମ ବାଳିକା ବିଭାଗ ଯୁଗଳ ପ୍ରତିଯୋଗିତା ହୋଇଥିଲା । ବାଳକ ବିଭାଗରେ ଭବାନୀପାଟଣାର ଆର୍ଯ୍ୟଓନ୍ତ ପଣ୍ଡା ଓ ଝିଲମାଳ ନିଆଲ ବିଜେତା ହୋଇଥିବାବେଳେ ସାହେଲ ରାଏକୱାର ଓ ପ୍ରତ୍ୟୁଷ ରଞ୍ଜନ ଭୋଇ ଉପବିଜେତା ହୋଇଥିଲେ । ସେହିପରି ବାଳିକା ବିଭାଗରେ ଜୁନାଗଡ଼ର ଅଞ୍ଜଳି ନାଏକ ଓ ଶିବାନୀ ଭାଟି ବିଜେତା ହୋଇଥିବାବେଳେ ଧର୍ମଗଡର ଶ୍ରାଗଭି ମୁଣ୍ଡ ଓ ନିବେଦିତା ବିହାରୀ ଉପବିଜେତା ହୋଇଥିଲେ । ସର୍ବମୋଟ ୫୨ ଜଣ ବାଳକ ଓ ୧୪ ଜଣ ବାଳିକା ପ୍ରତିଯୋଗିତାରେ ଭାଗ ନେଇଥିଲେ । ସମସ୍ତ କୃତୀ ଖେଳାଳି ମାନଙ୍କୁ ଆସନ୍ତା ୧୮ ତାରିଖରେ ଉଦଯାପନୀ ଉତ୍ସବରେ ଲାଲ ବହାଦୁର ଖେଳପଡିଆ ର ମୁଖ୍ୟ ମଞ୍ଚରେ ଟ୍ରଫି ସହ ମାନପତ୍ର ଦେବାର କାର୍ଯ୍ୟକ୍ରମ ରହିଅଛି । ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରଓ୍ୱାନ ଉପସ୍ଥିତ ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ । ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଉପସ୍ଥିତ ରହି ସମସ୍ତ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ମୋହନ ସରକାରଙ୍କ ପ୍ରଥମ ବର୍ଷର ଉପଲବ୍ଧି ବିଷୟରେ ଆଲୋଚନା କରିବା ସହ ଅଭିଭାଷଣ ରଖିଥିଲେ । ସଂଘର ସଭାପତି ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଜଣାଇବା ସାଙ୍ଗେ ଜିଲ୍ଲା ପ୍ରଶାସନକୁ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ।ସଂଘ ତରଫରୁ ସରୋଜ ମହାରଣା ପ୍ରତିଯୋଗିତା ମୁଖ୍ୟ ସଂଯୋଜକ ରହିଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରୁ ଜିଲ୍ଲା ସହ ସମ୍ପାଦକ ସାଇ କୁମାର ସିଂ ସାମନ୍ତ,ନର୍ଲା ବ୍ୟାଡ଼ମିଣ୍ଟନ ସଂଘର ସମ୍ପାଦକ ମୋହିତ ମିଶ୍ର, ଶକ୍ତି ପ୍ରସାଦ ଯୋଶୀ, ଜିତେନ୍ଦ୍ର ମିଶ୍ର, ରବି ସାହୁ, ସନ୍ଦୀପ ଦାସ,ଅବିନାଶ ବାବୁ, ଶିବାଶିଷ ପଟ୍ଟନାୟକ,ପ୍ରଶିକ୍ଷକ ନରେଶ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ ।

## ଅଧିକାର ଜ୍ୟେଷ୍ଠ ନିବାସରେ ଖାଦ୍ୟ ଓ ପାନୀୟ ବଣ୍ଟନ କାର୍ଯ୍ୟକ୍ରମ

ଦଶପଲ୍ଲା, (ମହାଭରତ): ଶନିବାର ଅପରାହ୍ନ ରେ ନୟାଗଡ଼ ଜିଲ୍ଲାର ବ୍ରାହ୍ମଣ ମହାସଂଘ ଓଡ଼ିଶାଙ୍କ ଅଧିନରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧିକାର (ବୃଦ୍ଧ ନିବାସ) ରେ ଥିବା ପୁରୁଷ ଓ ମହିଳା ନିବାସୀମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଗଲା । ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ମହାସଂଘର ସମୀକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ଏବଂ ସହଯୋଗ ଓ ସମନ୍ୱୟ କାର୍ଯ୍ୟ କରିଥିଲେ ରଜ୍ୟ ସଂଯୋଜାକ ପ୍ରିୟବ୍ରତ ଷଡଙ୍ଗୀ । ଶ୍ରୀ ଦାଶ ନିବାସୀମାନଙ୍କ ସହିତ ନିଜ ଅଭିଜ୍ଞତା ଅଂଶୀଦାର କରି, ଦୈନିକ ଜୀବନରେ ଘଟୁଥିବା ଘଟଣାଗୁଡ଼ିକ ଭଗବାନ ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ଘଟିଥାଏ ବୋଲି ବ୍ୟାଖ୍ୟା କରିଥିଲେ । ତାଙ୍କର ଅନୁପ୍ରେରଣାଦାୟକ କଥା ନିବାସୀ ମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଆନନ୍ଦର ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମ ଶେଷରେ ନିବାସୀମାନଙ୍କୁ ସଂଗଠନ ପକ୍ଷରୁ ସମ୍ବେଦନା ଓ ଆଶୀର୍ବାଦ ବ୍ୟକ୍ତ କରାଗଲା ।

# କୌଳିକବୃତ୍ତିଧାରୀଙ୍କ ପାଇଁ ବିଶ୍ୱକର୍ମା ଯୋଜନା ଓ ଶିଳ୍ପ ସଚେତନତା ଶିବିର




ରାଇରଙ୍ଗପୁର, (ମହାଭରତ): ରାଇରଙ୍ଗପୁର ପୌରାଞ୍ଚଳ ଅନ୍ତର୍ଗତ ପିସିଏମ କଲ୍ୟାଣ ଭବନ ପରିସରରେ କୌଳିକ ବୃତ୍ତି ଧାରୀଙ୍କ ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାରିପଦା ଆନୁକୁଲ୍ୟରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଓ ତାଲିମ ଶିବିର ମୟୂରଭଂଜ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଭାଗବତ ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମୟୂରଭଂଜ ସାଂସଦ ନବ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ , ମୁଖ୍ୟବକ୍ତା ଏମଏସଏମଇ ଡିଏଫଓ ,କଟକ ଅଭିମନ୍ୟୁ ମୋଦି ସହକାରୀ ଶିଳ୍ପ ଅଧିକାରୀ ରଘୁନାଥ ବଳ,, ସହକାରୀ ଶିଳ୍ପ ଅଧିକାରୀ ଦିନେଶ ଶଙ୍କର ହୋତା, କନସଲଟାଣ୍ଟ ପ୍ରଦୀପ୍ତ କୁମାର କର, ରାଇରଙ୍ଗପୁର ଆଇପିଓ ସୁମିତ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମଣିଷ ସମାଜ ସୃଷ୍ଟି ପରେ ମଣିଷ ସମାଜର ଆବଶ୍ୟକତା ଓ ଉନ୍ନତି ପାଇଁ ବିଭିନ୍ନ କୌଳିକ ବୃତ୍ତି ଆପଣେଇଥିଲେ ।କିନ୍ତୁ ଜଗତୀକରଣ ଓ ଶିଳ୍ପାୟନ ଯୁଗରେ ଦିନକୁ ଦିନ କୌଳିକ ବୃତ୍ତି ନାରୀଙ୍କ ଜୀବନ ପ୍ରଭାବିତ ହେବାରେ ଲାଗିଛି । ଶିକ୍ଷା, କଞ୍ଚାମାଲ, ସରକାରୀ ପ୍ରୋତ୍ସାହନ, କ୍ରୟ ବିକ୍ରୟ କୃତ୍ରିମ ଅଭାବ ନେଇ କୌଳିକ ବୃତ୍ତି ନାରୀ ତାଙ୍କ ବୃତ୍ତି ପ୍ରତି ବିମୁଖ ହେବାରେ ଲାଗିଛନ୍ତି । ତେଣୁ ପ୍ରଥମ ଥର ପାଇଁ କେନ୍ଦ୍ର ସରକାର କୌଳିକ ବୃତ୍ତି ଧାରୀଙ୍କୁ ସଶକ୍ତିକରଣ ଓ ସେମାନଙ୍କ ଆର୍ଥିକ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କରିଛନ୍ତି ।ଏହି ଯୋଜନାରେ ୧୮ ପ୍ରକାର କାମ ଯଥା ବଢେଇ, କମାର, ଧାତୁ କାରିଗର, ତାଲା କାରିଗର, କୁମ୍ଭାର, ଡଙ୍ଗା ନିର୍ମାତା, ଅସ୍ତ୍ର ନିର୍ମାଣ, ହାମୁଡି ଉପକରଣ, ବଣିଆ, ମୂର୍ତ୍ତି କାରିଗର, ମୋଚି, ରାଜମିସ୍ତ୍ରୀ, ଭଣ୍ଡାରୀ, ମାଳି, ଧୋବା, ଦରଜି, ବାଉଁଶ କାରିଗର,ମାଛ ଜାଲ ନିର୍ମାତା, ବୁଣାକାର, ନାମିତ, ଦରଜୀ, ସୋନାଲ, କଣ୍ଢେଇ ତିଆରି ବାଲା, ପଥର ଖୋଦନ ମିସ୍ତ୍ରୀ ମାନେ ଏହାର ଲାଭ ନେଇ ପାରିବେ ବୋଲି ଅତିଥିଗଣ କହିଥିଲେ । ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଜନସେବା କେନ୍ଦ୍ରରେ ପଂଜିକୃତ କରିବାକୁ ପଡ଼ିବ ।ସେମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯିବା ସହ ଦୈନିକ ଭତ୍ତା ୫୦୦ ଟଙ୍କା ଦିଆଯିବ । ହିତାଧିକାରୀମାନେ ୧ ଲକ୍ଷରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ନିଜର କୌଳିକ ବୃତ୍ତିକୁ ଆଗେଇ ନେଇ ଉତ୍ପାଦିତ ସାମଗ୍ରୀକୁ ବିକ୍ରୟ କରି ଦୁଇ ପଇସା ଲାଭ ପାଇ ପାରିବେ । ଗ୍ରାମାଞ୍ଚଳର ହଜାର ହଜାର ସଂଖ୍ୟାରେ ଥିବା କୌଳିକ ବୃତ୍ତିଧାରୀ ବାସ କରୁଛନ୍ତି । ସେମାନେ ଆଉ ଦାଦନ ନ ଯାଇ ଏହି ବୃତ୍ତିରେ ନିଜକୁ ନିଯୋଜିତ କରି ଆର୍ଥିକ ସଶକ୍ତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ଚିନାମାଳିପଶି ପଲାଣଘାଟି ପଞ୍ଚାୟତରେ ବିକାଶିତ ବାହନ କାର୍ଯ୍ୟକ୍ରମ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ଓ ପଲାଣଘାଟି ପଞ୍ଚାୟତ ରେ ବିକାଶିତ ବାହନ ରଥ କୁ ପଞ୍ଚାୟତ ତରଫ ରୁ ସ୍ୱାଗତ କରାଯାଇ ଛି। ଚିନାମାଳୀ ସରପଞ୍ଚ ଝୁମିତା ନାଏକ ଙ୍କ ଅଧ୍ୟକ୍ଷତା ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ କୁ ପାଟଣା ବିଡିଓ ମାନସ ଦଣ୍ଡପାଟଯୋଗଦାନ କରି ଛନ୍ତି। ଏହି ଅବସରରେ ରେ ପାଟଣା ବ୍ଲକ ଜିପିଇଓ ରଶ୍ମିରେଖା ମହାନ୍ତି,ଇପିଓ ଦୀପକ କୁମାର ବେହେରା,ଡବ୍ଲୁଇଓ ଶିପ୍ରାରାଣୀ ମହାନ୍ତ, ଯୋଗାଣ ନିରୀକ୍ଷକ ସୁନୀତା ମାରାଣ୍ଡି, ବିଏଲସି ସୁରେନ୍ଦ୍ର ଖଣ୍ଡା, ପଞ୍ଚାୟତ ଅଧିକାରୀ ରାମେଶ୍ୱର ମହାନ୍ତ, କୋଷାଧ୍ୟକ୍ଷ ବାସୁଦେବ ମହାନ୍ତ, ବିଏସଏସଓ ଅଭୟ କୁମାର ଦେହୁରୀ,ଯୋଗାଣ ସହାୟକ ରାଜେଶ୍ କୁମାର ମହାନ୍ତ,ସହ କନିଷ୍ଠ ଯନ୍ତ୍ରୀ ଅଜୟ ଝା ଙ୍କ ଉପସ୍ଥିତି ରେ ୪ଜଣ ଙ୍କୁ ରାସନ କାର୍ଡ,୨ଜଣ ଙ୍କୁ ଜବ କାର୍ଡ,୬ଜଣ ଙ୍କୁ ଅନ୍ତ୍ୟୋଦ୍ୱୟ ଗୃହ, ୧୧ଜଣ ଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ସେହି ପରି ବିକାଶିତ ବାହନ ରଥ ପଲାଣଘାଟି ପଞ୍ଚାୟତ ପହଞ୍ଚିବା ପରେ ସ୍ୱାଗତ କରାଯାଇ ଥିଲା। ସରପଞ୍ଚ ରାଉତ ମୁଣ୍ଡା ଙ୍କ ଅଧ୍ୟକ୍ଷତା ରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବିକଶିତ ବାହନ କାର୍ଯ୍ୟକ୍ରମ କୁ ପାଟଣା ବିଡିଓ ମାନସ ଦଣ୍ଡପାଟ ଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଯୋଜନା କୁ ପାଲା ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଯାଇଛି। କାର୍ଯ୍ୟକ୍ରମ ରେ ଏ,ପି,ଓ ଦୀପକ କୁମାର ବେହେରା,ଜିପିଓ ରଶ୍ମିରେଖା ମହାନ୍ତି, ଦବ୍ଲୁଇଓ ଶିପ୍ରାରାଣି ମହାନ୍ତ, ଯୋଗାଣ ନିରୀକ୍ଷକ ସୁନିତା ମାରାଣ୍ଡି,ବିପିସି ସୁରେନ୍ଦ୍ର ଖଣ୍ଡା ଏବଂ ପଲାଣଘାଟି ପଞ୍ଚାୟତ ଅଧିକାରୀ ରାମେଶ୍ୱର ମହାନ୍ତ, କୋଷାଧ୍ୟକ୍ଷ ବାସୁଦେବ ମହାନ୍ତ ଏବଂ କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଝା ଙ୍କ ଉପସ୍ଥିତି ରେ ପଞ୍ଚାୟତ ର ହିତାଧିକାରୀ ମାନଙ୍କୁ ୨ଜଣ ଙ୍କୁ ଜମିପଟ୍ଟା, ୧୨ଜଣ ଙ୍କୁ ଜବକାର୍ଡ, ଅନ୍ତ୍ୟୋଦ୍ୱୟ ଗୃହ ,୨ଜଣ ଙ୍କୁ ରାସନକାର୍ଡ ଓ ୭ଜଣଙ୍କୁ ଭତ୍ତା ଙ୍କୁ ବଣ୍ଟନ କରାଯାଇଛି।

# ବୋଲେରୋ ଟ୍ରକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ ୮ଆହତ



ବୌଦ୍ଧ(ମହାଭାରତ): ବୌଦ୍ଧ ପୁରୀ ରୁ ଦେବସ୍ନାନ ପୂର୍ଣ୍ଣିମା ଦେଖି ନିଜ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ର ଶିକାର ହେଲା ତୀର୍ଥଯାତ୍ରୀ ବୋଲେରୋ। ବୌଦ୍ଧ ଏନଏଚ୫୭ ଆଦର୍ଶ ଥାନା ଅନ୍ତର୍ଗତ ଖଜୁରୀ ପଡ଼ା ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ଟ୍ରକ୍ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଜଣେ ମୃତ । ମୃତକ ସରଣ୍ଡା ଗ୍ରାମର କୁନା ପ୍ରଧାନ । ସେହିପରି ୫ ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି । ସମସ୍ତ ଗୁରୁତର ଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲ ରେ ଭର୍ତ୍ତି । ଘଟଣା ସ୍ଥଳରେ ଆଦର୍ଶ ଥାନା ପୋଲିସ ର ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ ବରଗଡ଼ ଜିଲ୍ଲା ବରପାଲି ସରଣ୍ଡା ଗ୍ରାମର ୯ ଜଣ ପୁରୀ ରେ ମହାପ୍ରଭୁ ଙ୍କୁ ଦର୍ଶନ କରିବା ସହିତ ଦେବସ୍ନାନ ପୂର୍ଣ୍ଣିମା ଦେଖି ନିଜ ଗ୍ରାମକୁ ଫେରୁଥିବା ବେଳେ ଖଜୁରୀ ପଡ଼ା ନିକଟରେ ହଠାତ୍ ବୋଲେରୋ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପର୍ଶ୍ୱକୁ ଚାଲିଯାଇଥିଲେ ତେବେ ସାମ୍ନା ରୁ ଏକ ଟ୍ରକ୍ ଆସୁଥିବା ବେଳେ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରୁ ଟ୍ରକ୍ ଡ୍ରାଇଭର ଫେରାର ମାରିଥିବା ବେଳେ ବୋଲେରୋ ରେ ଯାତ୍ରୀ ଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲ ରେ ଭର୍ତ୍ତି କରାଯାଇଛି । ତେବେ ସେମାନଙ୍କ ମଧ୍ୟରୁ ଜଣେ ଯାତ୍ରୀ କୁନା ପ୍ରଧାନ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ଘଟଣା ସ୍ଥଳରେ ଆଦର୍ଶ ଥାନା ପୋଲିସ ଏବଂ ହରଭଙ୍ଗା ତହସିଲଦାର ବିଡ଼ିଓ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

# ଆସିକାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପହଲି ରଜ ପାଳିତ



ଆସିକା (ମହାଭାରତ): ଆଜି ଠାରୁ ତିନି ଦିନ ବ୍ୟାପି ପାଳନ ହେବାକୁ ଯାଉଛି ଓଡ଼ିଶାର ଗଣପର୍ବ ରଜପର୍ବ। ଏହାକୁ ନେଇ ଗାଁ ଠାରୁ ସହର ସବୁଠି ଚଳଚଞ୍ଚଳ ପରିବେଶ। ଏହାକୁ ଭିତ୍ତି କରି ଆସିକା ର ସବୁଆଡେ ପହଲି ରଜ ରେ ଦୋଳି ଓ ପାନ ରେ ମସଗୁଲ କୁଆଁରୀ ଠାରୁ ଆରମ୍ଭ କରି ପୁରୁଷ ମହିଳା ମାନେ । ସାରା ରାଜ୍ୟ ରେ ଧୁମ ଧାମ ରେ ପାଳନ ହେଉଛି ରଜ ପର୍ବ । ଘର ମାନଙ୍କ ରେ ପିଠା ପଣାର ଆସର ଜମୁଛି । ଘରର ମହିଳା ମାନେ ସକାଳୁ ସକାଳୁ ହଳଦୀ ରେ ଘର ଲିପା ପୋଛା କରନ୍ତି ।ପାଦରେ ଅଳତା ହାତରେ ମେହେନ୍ଦି ଲଗାଇ ରଜ ପାଇଁ ସଜବାଜ ହୋଇଥାନ୍ତି । କେଉଁ ଗାଁ ର ବରଗଛ ରେ ଦୋଳି ତ ଆଉ କାହାର ଘରେ ଖେଳୁଛନ୍ତି ଦୋଳି । ପିଲା ଠାରୁ ବଡ଼ ସମସ୍ତେ ରଜ ନିମନ୍ତେ ମଜା ମସ୍ତି କରିବାକୁ ଆଗେଇ ଆସିଛନ୍ତି। ଆଉ କେତେକ ରଜ ପାନ ରେ ପାଟି କୁ ଲାଲ କରନ୍ତି। ଏହାକୁ ଭିତ୍ତି କରି ପତଞ୍ଜଳି ଯୋଗ ଶିବିର ଓ ମାନବ ସେବା ସମିତି ପକ୍ଷରୁ ଆସିକା ସହରରେ ପ୍ରଥମ କରି ଗଣେଶ୍ୱର ରଥ, ଦିଲ୍ଲୀପ କୁମାର ପାଣିଗ୍ରାହୀ,ଅନିଲ କୁମାର ପାଣିଗ୍ରାହୀ, ଏମ. ତାରିଣୀ ସେନାପତି, ବାବୁଲି ଗୌଡ଼, ସୁରେସ ଚନ୍ଦ୍ର ବିଶୋୟୀ, କାମେଶ୍ୱର ଆଚାରୀ,ଏମ ରଶ୍ମିତା ସେନାପତି, ପ୍ରତିମା ବିଶୋୟୀ, ଜୟନ୍ତୀ ଗୌଡ଼ଙ୍କ ସମେତ ବହୁ ପୁରୁଷ ମହିଳାଆସିକା ଟାଉନ ହଲ ପଡିଆ ଠାରେ ବହୁ ଆଡମ୍ବର ସହିତ ରଜ ପର୍ବ ପାଳିତ ହୋଇଯାଇଛ।

# ନିଟ ପରୀକ୍ଷା ୨୦୨୫ ରେ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ସଫଳତା



ଦାନଗଦି;( ମହାଭାରତ): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର କୁସୁନପୁର ସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ନିଟ୍ ଛାତ୍ର ଛାତ୍ରୀ ଙ୍କ ସଫଳତାୟ ସର୍ବଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷା-୨୦୨୫ (ନିଟ) ରେ ୬୨ ଜଣ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୬ ଜଣଙ୍କ ମଧ୍ୟରୁ ଆର୍ ବି ଶୁଭମ୍ (୫୯୬) ନମ୍ବର ରଖି ଯାଜପୁର ଜିଲ୍ଲା ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାବେଳେ ଅନ୍ୟ ୧୫ ଜଣଙ୍କ ମଧ୍ୟରେ ମଳୟ ରଞ୍ଜନ ମହନ୍ତ , ଆୟେଷା ଦିଗଦର୍ସନୀ , ସତ୍ୟଶିକ୍ଷା ମହାପାତ୍ର, ଓମ୍ ପ୍ରକାଶ ପତି , ମକରା ହାଁସଦା , ପ୍ରିତିରୁପା ମାଝୀ ,ଅଭିଷେକ ମହାପାତ୍ର , ଅନିଷା ଦାସ ,ପ୍ରିତିପଦ୍ମା ସାହୁ ,ଅଭିଜିତ ଦଳାଇ, ସ୍ୱୟାଂଶୁ ଧର୍ମପଦ ଓ ଅନ୍ୟ ଛାତ୍ର ଛାତ୍ରୀ ସଫଳତାର ସହ ଉ□ର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଅକ୍ଳାନ୍ତ ପରିଶ୍ରମ ଅଧ୍ୟାପକଙ୍କ ପୂର୍ଣ୍ଣ ସହଯୋଗ ତାଙ୍କୁ ସଫଳତାର ଶିଖରରେ ପହଁଚାଇ ପାରିଛି। ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ,ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା,ଭାଇସ ପ୍ରିନ୍ସିପଲ୍ ଆର ଏନ ରୟତ ସିଂ, କୋର୍ଡିନେଟର ଚକ୍ରଧର ପାଣି, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ସି ସି ଏ ମୁଖ୍ୟ ବାଲବିର ସିଂ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ବିଦ୍ୟାର୍ଥୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

# ସଫଳ ଚାଷୀ ସଂଗ୍ରାମ କେଶରୀ ପ୍ରଧାନ



ବୌଦ୍ଧ(ମହାଭାରତ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବଲଣ୍ଡା ଗ୍ରାମର ସଂଗ୍ରାମ କେଶରୀ ପ୍ରଧାନ ଜଣେ ଯୁବ ସଫଳ ଚାଷୀ ଭାବେ ସବୁଠି ଜଣାଶୁଣା । ପ୍ରଧାନ ଫାର୍ମ ଏବଂ ନର୍ସରୀ ନାମରେ ନିଜ ଘର ୧୫ ଏକର ଜମିରେ ବିଭିନ୍ନ ପ୍ରକାର ର ଫଳ ଚାଷ କରି ସେ ଏବେ ବେଶ୍ ପରିଚିତ । ଆଜିର ଶିକ୍ଷିତ ଯୁବପିଢି କୃଷି କ୍ଷେତ୍ରରୁ ମୁହଁ ଫେରାଇ ନେଉଥିବା ବେଳେ ଜଣେ ଶିକ୍ଷିତ ଯୁବ ଚାଷୀ ଭାବେ ସେ ସଫଳତା ହାସଲ କରିଛନ୍ତି । କୃଷି କ୍ଷେତ୍ରରେ ନିଜର ଅଧ୍ୟବସାୟ ବଳରେ ସେ ଅନେକ ଲୋକଙ୍କୁ ରୋଜଗାର ଦେବା ସଙ୍ଗେ ସଙ୍ଗେ ସ୍ୱଚ୍ଛଳ ଜୀବନ ଯାପନ କରିବା ର ଉଦାହରଣ ପାଲଟିଛନ୍ତି ଏବଂ ଜିଲ୍ଲା ଠାରୁ ଆରମ୍ଭ କରି ସମଗ୍ର ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି। ସଂଗ୍ରାମ ଉଚ୍ଚଶିକ୍ଷା ଲାଭ କରିବା ପରେ ମୁମ୍ବାଇ ମହାନଗରୀରେ ଗୋଟିଏ ବହୁଦେଶୀୟ କମ୍ପାନୀ ରେ କିଛି ବର୍ଷ ଚାକିରି କଲାପରେ ଆକର୍ଷଣୀୟ ଚାକିରି କୁ ତ୍ୟାଗ କରି ନିଜ ଗ୍ରାମକୁ ଫେରି ବାପା ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୩ ଏକର ଜମିରେ ଆମ୍ବଚାଷ କୁ ଦେଖା ରେଖା କରିବା ଆରମ୍ଭ କରିଥିଲେ । ପରେ ପରେ ଚାଷ ପ୍ରତି ଆକୃଷ୍ଟ ହୋଇ ନିଜର ଜ୍ଞାନ କୌଶଳ ଏବଂ ଆଧୁନିକ ଚାଷ ପ୍ରଣାଳୀ କୁ ଆପଣାଇ ଏହାକୁ ୧୫ ଏକର ଜମିରେ ଚାଷ କରିବା ପର୍ଯ୍ୟନ୍ତ ବଢ଼ାଇଥିଲେ। ଯଦ୍ୱାରା କି ବିଭିନ୍ନ ପ୍ରକାର ଫଳ କୁ ନେଇ ସେ ଏକ ନର୍ସରୀ ପ୍ରତିଷ୍ଠା କରିପାରିଥିଲେ। ବର୍ଷ ବର୍ଷ ଧରି ସେ ରାଜ୍ୟ ତଥା ରାଜ୍ୟ ବାହାର ଚାଷୀ ଙ୍କୁ ଉନ୍ନତମାନର ଚାରା ଯୋଗାଇ ଦେଉଥିବା ବେଳେ ଚାଷୀ ଙ୍କୁ ବୈଷୟିକ ତାଲିମ ମଧ୍ୟ ଦେଇ ଆସୁଛନ୍ତି। ସଂଗ୍ରାମ ୧୫ ଏକର ଜମିରେ ବିଭିନ୍ନ ପ୍ରକାର ର ଆମ୍ବ ଚାଷ କରୁଥିବା ବେଳେ ଏଥିରେ ସୁନ୍ଦରୀ, ଆମ୍ରପଲୀ, ଦିଶିରି, ବାଇଗଣପଲ୍ଲୀ ଆଦି ପ୍ରଜାତି ର ଆମ୍ବ ରହିଛି । ସେହିପରି ଆମ୍ବ ଗଛ ଲାଗିଥିବା ବଳକା ସ୍ଥାନରେ ସେ ସପୁରୀ ଗଛ ଲଗାଇ ଜାଗା କୁ ନଷ୍ଟ ନ କରି ସେଠାରେ କିଭଳି ଚାଷ ହୋଇପାରିବ ସେ ଦିଗରେ ମଧ୍ୟ ଫଳପ୍ରଦ ହୋଇପାରିଛନ୍ତି ।ତାଙ୍କ ନର୍ସରୀ ରେ ଉତ୍ପାଦିତ ଆମ୍ବ କୁ ସେ ରିଲାଏନ୍ସ ଫ୍ରେସ ରେ ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ବିକ୍ରି କରି ବେଶ୍ ରୋଜଗାର କରିଛନ୍ତି ।ତେବେ ବର୍ତ୍ତମାନ ଉତ୍ତରପ୍ରଦେଶ, ବିହାର, ଛତିଶଗଡ ଏବଂ ଝାଡ଼ଖଣ୍ଡ କୁ ସେ ଆମ୍ବ କୁ ରପ୍ତାନି କରୁଛନ୍ତି ଯାହାକୁ ନେଇ ସେ ଓଡ଼ିଶା ଠାରୁ ବାହାର ରାଜ୍ୟରେ ରପ୍ତାନି କଲେ ବେଶ୍ ଅଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ସେହିପରି ସେ ତାଙ୍କ ନର୍ସରୀ ରେ ଡ୍ରାଗନ୍ ଫ୍ରୁଟ, ଅଷ୍ଟ୍ରେଲିଆନ ବରକୋଳି ଏବଂ ବିଭିନ୍ନ ପ୍ରକାର ର ଫଳ ଚାଷ କରୁଛନ୍ତି । ସେପଟେ ନିଜ ଘର ବାଡ଼ି ରେ ଥିବା କିଛି ସ୍ଥାନକୁ ବିଭିନ୍ନ ପ୍ରକାର ର ପାରିବ ଚାଷ କରି ସେ ନିଜର ଘରେ ବ୍ୟବହାର କରି ପାରୁଛନ୍ତି।ଜଣେ ଶିକ୍ଷିତ ହେଉ କିମ୍ବା ଅଶିକ୍ଷିତ ହେଉ ମନଯୋଗ ଦେଇ ଯଦି ଚାଷ କୁ ଆପଣାଇ ଚାଷ କରେ ତେବେ ତେବେ ଏହି କାର୍ଯ୍ୟରେ ସେ ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରି ପାରିବେ ଏବଂ ସେ ନିଜେ ଜଣେ ଶିକ୍ଷିତ ହୋଇ ଚାକିରି ଛାଡ଼ି ଚାଷ କୁ ଆପଣାଇ ଯୁବ ବର୍ଗଙ୍କୁ ମଧ୍ୟ ପ୍ରେରଣା ଯୋଗାଉଛନ୍ତି ।

# ଜିଲ୍ଲାରେ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ନିରାକରଣ ପ୍ରସ୍ତୁତି ଉପରେ ଜିଲ୍ଲାପାଳଙ୍କ ସମୀକ୍ଷା

ରାୟଗଡ(ମହାଭାରତ): ଜିଲ୍ଲାରେ ଡେଙ୍ଗୁ, ଡାଇରିଆ ଓ ମେଲେରିଆ ବୃଦ୍ଧିକୁ ଆଶଙ୍କା କରି ଏହାର ନିରାକରଣ ନିମନ୍ତେ ପ୍ରସ୍ତୁତି ଉପରେ ଜିଲ୍ଲାପାଳଙ୍କ ଶ୍ରୀମତୀ ପାରୁଲ ପଟାୱରୀ ଆଜି ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଆୱାସି ମାଧ୍ୟମରେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ । ବିଶେଷ କରି ଜୁନ ମାସର ୧୫ ତାରିଖ ପରେ ବର୍ଷା ଯୋଗୁଁ ଝାଡାବାନ୍ତି, ଡେଙ୍ଗୁ ଓ ମେଲେରିଆର ପ୍ରାଦୁର୍ଭାବ ହେବ। ସମ୍ଭବନା ଅଧିକ ଆଶଙ୍କା କରି ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା,ପ୍ରକଳ୍ପ ପ୍ରଶାସକ ସାମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ଚନ୍ଦ୍ର କାନ୍ତ ମାଝୀ, ଗ୍ରାମୀୟ ଜଳ ଯୋଗାଣ ସଂସ୍ଥା ର ନିର୍ବାହୀ ଯନ୍ତ୍ରୀ, ଗୋପାଳ ନାୟକ, ସିଡିଏମଓ ପ୍ରଫୁଲ କୁମାର ପାଢ଼ୀ,ଅତିରକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ମମତା ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ମିନତି ଦେଓ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଅସିମକ୍ଷ ରାଓ, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ନାହାକ, ରାୟଗଡ଼ ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ଖାଦ୍ୟ ନିରୀକ୍ଷଣ ଅଧିକାରୀ, ଆୱାସି ମାଧ୍ୟମରେ ଯୋଗଦେଉଥିବା ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇଥିଲେ ।ଆସନ୍ତା ୨୦ ଜୁନ ରେ ବିଦ୍ୟାଳୟ ଖୋଲୁଥିବାରୁ ତାହା ପୂର୍ବରୁ ସ୍କୁଲ ହଷ୍ଟେଲ ଓ ଶ୍ରେଣୀ ଗୃହ ଗୁଡିକର ମରାମତି ଓ ବିଶୁଦ୍ଧ କରିବ ସହିତ ଦୈନିକ ରିପର୍ଟ ଦେବାକୁ ପାଇଁ ପିଏ ଆଇଟିଡିଏ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନାଳ ନର୍ଦ୍ଦମା ଗୁଡିକ ଶତପ୍ରତିଶତ ବିଷଧନ ଓ ସଫା ସୁତୁରା ରଖିବାକୁ ବିଡିଓ ଓ ପୌର ନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଏଏନଏମ ଓ ଅଙ୍ଗନବାଡି କେନ୍ଦ୍ରରେ, ଆଶା ମାନଙ୍କ ପାଖରେ ଯଥେଷ୍ଟ ପରିମାଣ ଓଆରେସ ଓ ଓ ଔଷଧ ମହଜୁଦ ରଖିବା, ଜଳ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରି ୨ଦିନ ମଧ୍ୟରେ ରିପର୍ଟ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଘରକୁ ଘର ଯାଇ ଲୋକଙ୍କୁ ସଚେତନତା କରିବେ ।ପ୍ରତ୍ୟେକ ଗ୍ରାମର ଲୋକମାନେ ଯେପରି ସଚେତନ ହେବେ ସେଥି ପାଇଁ ଡକ୍ଷକାଜି ଯନ୍ତ୍ର ମାଧ୍ୟମରେ ଗାଁ ଗାଁ ବୁଲି ସଚେତନ କରାଯିବ । ଝାଡା ବାନ୍ତି ଓ ମେଲେରିଆ ଆକ୍ରାନ୍ତ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ଜିଲ୍ଲାପାଳ କହିଥିଲେ ।ମଶାରୀ ଯେପରି ଶତପ୍ରତିଶତ ବ୍ୟବହାର କରିବେ ସେଥିପାଇଁ ଘରକୁ ଘର ଯାଇ ବୁଝାଇବାକୁ ଜିଲ୍ଲାପାଳ କହିଥିଲେ। ସେହିପରି ବିଦ୍ୟାଳୟ ଅନ୍ତେବାସୀ ମଧ ସମସ୍ତେ ବ୍ୟବହାର କରିବେ ସେଥିପାଇଁ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସୁନିଶ୍ଚିତ କରିବେ। ଚଳିତ ବର୍ଷ ଜଣେ ମଧ ଛୁଆ ଯେପରି ମେଲରିଆ, ଝାଡାବାନ୍ତିରେ ମୃତ୍ୟ ବରଣ ନକରନ୍ତି ସେଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ସତର୍କ ରହିବାକୁ କହିଥିଲେ ।ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଗାଁ କଲ୍ୟାଣ ସମିତି ପାଣ୍ଠି ବ୍ୟବହାର କରି ସଚେତନତା କାର୍ଯ୍ୟ କରିବେ। ହଷ୍ଟେଲ ପାଣିଟାଙ୍କି, ଝରକାର ମଶାରୀ ଦେବା, ପାଇଖାନା ମରାମତି ଓ ବିଶୋଧନ କାମ ବିଦ୍ୟାଳୟ ଖୋଲିବା ପୂର୍ବରୁ ସାରିବାକୁ ପିଏ ଆଇ ଟି ଡିଏ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟ ଖୋଲିଲେ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଧ୍ୟାନ ଦେବାକୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ କହିଥିଲେ ଓ ଛାତ୍ରୀ ମାନଙ୍କ ଗର୍ଭ ଏ ଏନଏମ ଦ୍ୱାରା ପରୀକ୍ଷା କରିବାକୁ ଜିଲ୍ଲାପାଳ ବିର୍ଦ୍ଦେଶ ଦେଇଛନ୍ତି । ଏହାକୁ କୌଣସି ହାଲୁକା ଭାବରେ ନନେଇ ଧ୍ୟାନ ଦେବାକୁ କହିଥିଲେ।

## ସରସରା ଗାଁରେ ସବୁବର୍ଗର ମହିଳାମାନେ ହର୍ଷଉଲ୍ଲାସରେ ରଜ ପର୍ବ ମନାଇଲେ

ବୌଦ୍ଧ (ମହାଭାରତ): ସରସରା ଗାଁରେ ରଜ ପର୍ବ ବିଶେଷ ଆନନ୍ଦ ଓ ସାଂସ୍କୃତିକ ଉତ୍ସାହରେ ପାଳନ କରାଯାଇଛି। ଏହି ପର୍ବରେ ଗାଁର ଛୋଟ ଛାତ୍ରୀମାନେ, ଯୁବତୀ, ଘରଣୀ ଓ ବୃଦ୍ଧା ମହିଳାମାନେ ଏକସାଥିରେ ଭାଗ ନେଇ ଉତ୍ସବକୁ ଅଭୁତପୂର୍ବ ରୂପ ଦେଇଛନ୍ତ। କଦମ୍ବ ଗଛରେ ଦୋଳି କରି, ଗୀତ-ନୃତ୍ୟ , ରଜ ପିଠା ପ୍ରସ୍ତୁତି ଓ ପାରମ୍ପରିକ ଖେଳ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ବୃଦ୍ଧା ମହିଳାମାନେ ପାରମ୍ପରିକ ରଜ ଗୀତ ଗାଇଥିବା ବେଳେ ଯୁବତୀମାନେ ଝୁଲାରେ ଖେଳୁଥିଲେ, ଛାତ୍ରୀମାନେ ମଧ୍ୟ ଉତ୍ସବର ଆନନ୍ଦ ଉଠାଇଥିଲେ। ଦିନ ଭରି ଲୋକମାନେ ପୋଡ଼ପିଠା, ଚକୁଳି, ଖିର ଭୋଗ କରି ମିଳିତ ଭାବରେ ଖୁସି ପାଳନ କରିଥିଲେ ।ଏହି ବର୍ଷ ରଜ ପର୍ବ କେବଳ ଏକ ପାରମ୍ପରିକ ଉତ୍ସବ ନୁହେଁ, ଏହା ମହିଳାମାନଙ୍କ ସଂସ୍କୃତିକ ଭୂମିକା ଓ ସମାଜରେ ତାଙ୍କର ମହ□କୁ ନବ ଦୃଷ୍ଟିରେ ଦେଖାଇଛି। ପିଢି ଧରି ପିଢି ରେ ଏହି ଉତ୍ସବକୁ ବଞ୍ଚାଇ ରଖିବା ପାଇଁ ସରସରା ଗାଁ ଏକ ଉଦାହରଣ ସୃଷ୍ଟି କରିଛି। ମହିଳାମାନଙ୍କ ସକ୍ରିୟ ଭାଗୀଦାରି ରଜକୁ ଏକ ସାମୁଦାୟିକ ଗୌରବର ରୂପ ଦେଇଛ। ରଜ ପର୍ବ କେବଳ ଖେଳ-ମଜା ନୁହେଁ, ଏହା ମହିଳା ମର୍ଯ୍ୟାଦା, ସ୍ୱାସ୍ଥ୍ୟ ଜ୍ଞାନ, ଓ ସଂସ୍କୃତିର ସମ୍ମାନକୁ ଉଜାଗର କରେୟ ସରସରା ଗାଁର ଉଦାହରଣ ଆମକୁ ଏହି ପର୍ବ ମନେଇ ମହିଳାଙ୍କୁ ଗୌରବ ଦେବା, ପାରମ୍ପରିକତାକୁ ସୁରକ୍ଷିତ ରଖିବା ଓ ସମାନତାର ସମ୍ବେଦନାକୁ ବଢ଼ାଇବା ପାଇଁ ପ୍ରେରଣା ଦେଇଛ।

## ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ବିଶ୍ୱ ବରିଷ୍ଠ ନାଗରିକ ନିର୍ଯ୍ୟାତନା ବିରୋଧ ସଚେତନତା ଦିବସ ଉପଲକ୍ଷେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ରେ ଡିଆରେଡିଏ କନଫରେନ୍ସ ହଲ୍, ପାରଳାଖେମୁଣ୍ଡି ରେ ବିଶ୍ୱ ବରିଷ୍ଠ ନାଗରିକ ନିର୍ଯ୍ୟାତନା ବିରୋଧ ସଚେତନତା ଦିବସ ଉପଲକ୍ଷେ, ଜିଲ୍ଲା ଆଇନ ସେବା ପ୍ରାଧିକାରଣ, ଗଜପତି ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଜ ତଥା ପ୍ରାଧିକାରଣର ଅଧ୍ୟକ୍ଷ, ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଅଧିକାର ଓ ସେମାନଙ୍କ ପାଇଁ କାର୍ଯ୍ୟରତ ବିଭିନ୍ନ କାନୁନ ବିଷୟରେ ସ୍ପଷ୍ଟ ଭାବେ ଉପସ୍ଥିତ ଲୋକଙ୍କୁ ଜାଣିଥିଲେ। ଏହି ଅବସରରେ ବୃଦ୍ଧ ଲୋକଙ୍କୁ ପେନସନ୍ ମଧ୍ୟ ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ, ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ଶ୍ରୀ ବିମଳ ରାଉଳ, ସିଡିଏମଓ ଙ୍କ ପ୍ରତିନିଧି ଡ଼. ଭୂୟାଁ ସାର୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ଶ୍ରୀ ସନ୍ତୋଷ କୁମାର ନାୟକ, ପାରଳାଖେମୁଣ୍ଡି ବାର୍ ଅସୋସିଏସନ୍ ଉପସଭାପତି ଆର. ବାବୁ ରାଓ ଉପସ୍ଥିତ ଥିଲେ ଓ ସମ୍ପୃକ୍ତ ବିଷୟରେ ଅବଗତ କରିଥିଲେ। ତଦୁପରି, ଏହି କାର୍ଯ୍ୟକ୍ରମ ସହିତ ସଂଯୁକ୍ତ ଭାବେ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଠାରେ ଅନେକ ବରିଷ୍ଠ ନାଗରିକ ନିଶୁଳ୍କ ଭାବରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ଲାଭ କରିଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ଦାନଗଦି:( ମହାଭାରତ)ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ କୃଷକ ଓ କୃଷିଜୀବୀ ମହିଳା ଉଦ୍ଦେଶ୍ୟରେ ବୁଧବାର ଦିନ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ର ପ୍ରଥମ ବୈଜ୍ଞାନିକ ଡାକ୍ତର ଲିପି ଦାସ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ସମ୍ବନ୍ଧରେ ସୂଚନା ଦେଇଥିଲେ। ଯାଜପୁର କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ବବିତା ମିଶ୍ର ,ଶ୍ରୀ ବିଜୟ କୁମାର ରାଉତରାୟ ,ମଙ୍ଗଳପୁର ପଂଚାୟତ ର ସରପ□ ଶ୍ରୀଯୁକ୍ତ ବାବୁଲି ନାଟିଆ ,ବ୍ଲକ କୃଷି ଅଧିକାରୀ ଶ୍ରୀମତୀ ରାଜ ଦୁଲାରି ସାହୁ, ସହକାରୀ କୃଷି ଅଧିକାରିରସ୍ମିତା ସେଠୀ, କୃଷି ଓଭରସିଅର ଶ୍ରୀ ନିହାର ରଞ୍ଜନ ରାଉତ,ଗ୍ରାମ କୃଷି ଅଧିକାରୀ ଶ୍ରୀ ହରେକୃଷ୍ଣ ମାଝି ଓ ପବିତ୍ର ମହାନ୍ତ ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ଓ କୃଷି ଅନୁସାଙ୍ଗିତ ବିଷୟରେ ଥିବା ବିଭିନ୍ନ ପ୍ରୋତ୍ସାହନ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଏହା ସହ ଫସଲରେ ସମନ୍ୱିତ ରୋଗ ଓ ପୋକ ପରିଚାଳନା, ଅଦିନିଆ ପନିପରିବା ଚାଷ ଶସ୍ୟ ଜାତୀୟ ଫସଲର ସମସ୍ୟା ଓ ସମାଧାନ,ମୃତ୍ତିକା ପରୀକ୍ଷା ଜୈବିକ ଚାଷ ଫଳ ଚାଷ ଫୁଲ ଚାଷ ଋତୁ ଚାଷ ଆଦି ବିଷୟରେ ଚାଷୀଙ୍କୁ ତାଲିମଦିଆଯାଇଛି । କୃଷି ରଥ ମାଧ୍ୟମରେ କୃଷକ ମାନଙ୍କୁ ସଚେତନ କରାଯାଇଛି।

# ଜିଲ୍ଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଉଦଘାଟିତ




ଗଜପତି(ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜିଲ୍ଲା ସଦରମହକୁମା ଗଜପତି ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳାକୁ ମାନ୍ୟବର ମନ୍ତ୍ରୀ ଓଡ଼ିଶା ସରକାର ଅବକାରୀ,ଆଇନ ଓ ପୂର୍ତ୍ତ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍ଘାଟିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ. ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀନାରାୟଣ ଶବର, ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁନାମୀ ମଣ୍ଡଳ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ,ରାଜ୍ୟ ସରକାରଙ୍କର ଏକ ବର୍ଷ ପର୍ତ୍ତି ଅବସରରେ ନିଆଯାଇଥିବା ବିଭିନ୍ନ ଯୁଗାନ୍ତକାରୀ ସୂଚନା ସମ୍ପର୍କରେ ନିଜର ମତ ବ୍ୟକ୍ତ କରିଥିଲେ। ଚାଷୀଙ୍କୁ ୩୧୦୦ ଏମଏସପି ,ସୁଭଦ୍ରା ଯୋଜନାରେ ବାର୍ଷିକ ଦଶ ହଜର ପ୍ରୋତ୍ସାହନ ରାଶି ମହିଳାମାନଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିପାରିବ ବୋଲି ମତ ପ୍ରକାଶ କରିଥିଲେ। ସମଗ୍ର ଓଡ଼ିଶାରେ ନୂତନ କୋର୍ଟ ପ୍ରତିଷ୍ଠା କରିବା ପାଇଁ ସରକାର ଯୋଜନା କରୁଥିବା କଥା ମତ ବ୍ୟକ୍ତ କରିଥିଲେ। ପରେ ପରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱରା ଷ୍ଟାଡିୟମ୍ ପରିସରରେ ବୃକ୍ଷ ରୋପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ,ଅର୍ଥ ରାଶି, ପଟ୍ଟା ପ୍ରଦାନ, କାର୍ଯ୍ୟ ଆରମ୍ଭ ଆଦେଶ ନାମା ଓ ଏ ୱାନ ହାସଲ କରୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ଓ ଜିଲ୍ଲା ଶିକ୍ଷା ଅଧିକାରୀ, ବିଜ୍ଞାନ ନିରୀକ୍ଷକ ଓ ଶାରିରୀକ ନିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲାର ବିଭିନ୍ନ ବିଭାଗର ଜନ କଲ୍ୟାଣକାରୀ ଯୋଜନା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛ। ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣ ଅବଗତ ହେବେ ଏବଂ କେଉଁ ଯୋଜନାରୁ କିଭଳି ଲୋକେ ଉପକୃତ ହୋଇପାରିବେ ସେହି ସମ୍ପର୍କରେ ଏହି ସଚେତନତା କାର୍ଯ୍ୟକ୍ରମ ବିକାଶ ମେଳା। ଏହି ମେଳା ଆଜି ତା.୧୪.୦୬.୨୦୨୫ ରିଖ ଠାରୁ ତା.୨୦.୦୬.୨୦୨୫ ରିଖପର୍ଯ୍ୟନ୍ତ ସାତ ଦିନ ଧରି ଆୟୋଜିତ ହେବ ଗଜପତି ଷ୍ଟାଡିୟମ୍ ଠାରେ। ଏହି ମେଳାରେ ବିଭିନ୍ନ ଲାଇନ୍ ବିଭାଗ ସମେତ ପଞ୍ଚାୟତି ରାଜ ବିଭାଗ ପକ୍ଷରୁ ୭୭ ଗୋଟି ଷ୍ଟଲ ଗୁଡିକ ରେ ବିଭିନ୍ନ ବିଭାଗର ସରକାରଙ୍କ ଉନ୍ନତ ମୂଳକ କାର୍ଯ୍ୟକ୍ରମର ପ୍ରଦର୍ଶିତ କରାଯାଉଛି। ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲାର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରିବଟା ହେବ । ମିଶନ୍ ଶକ୍ତି ମା ମାନଙ୍କ ଦ୍ୱାରା ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଓ ପ୍ରଦର୍ଶନ ହେବ ୟ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ବିଭିନ୍ନ ବିଭାଗ ଦ୍ୱାରା କର୍ମଶାଳା, ଆଲୋଚନା ଚକ୍ର ଏବଂ ପ୍ରଶିକ୍ଷଣ ଶିବିର ଆୟୋଜନ କରି ହିତାଧିକାରୀ ମାନଙ୍କୁ ପରାମର୍ଶ ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେୟ ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବୁଦ୍ଧିଜୀବି ଓ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଅହମଦାବାଦ ବିମାନ ଦୁର୍ଘଟଣା ତଦନ୍ତ ପାଇଁ କମିଟି ଗଠିତ



ନୂଆଦିଲ୍ଲୀ : ଅହମଦାବାଦରେ ହୋଇଥିବା ଭୟଙ୍କର ବିମାନ ଦୁର୍ଘଟଣାରେ ସମଗ୍ର ଦେଶ ସ୍ତବ୍ଧ । ଗୁରୁବାର ଦିନ ଅହମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଉଡ଼ାଣ ଭରିବାର ମାତ୍ର ୩୦ ସେକେଣ୍ଡରେ ଦୁର୍ଘଟଣାର ଶିକାର ହୋଇଥିଲା । ଏଥିରେ ଏପର୍ଯ୍ୟନ୍ତ ୨୭୦ରୁ ଅଧିକ ମୃତଦେହ ହସପିଟାଲରେ ରହିଛି । ବିମାନ ଦୁର୍ଘଟଣାର ତଦନ୍ତ ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏକ କମିଟି ଗଠିତ ହୋଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସଚିବ କମିଟିର ଅଧ୍ୟକ୍ଷ ରହିଛନ୍ତି । ୩ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଉଚ୍ଚସ୍ତରୀୟ କମିଟିକୁ ନିର୍ଦ୍ଦେଶ । ୨୭୦ରୁ ଅଧିକ ଲୋକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ସେମାନଙ୍କ ଚିହ୍ନଟ ପାଇଁ ଡିଏନଏ ନମୁନା ମଗାଯାଇଛି । ଏହି ଉଚ୍ଚସ୍ତରୀୟ କମିଟି ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଦୁର୍ଘଟଣା ହେବାର କାରଣ ଯାଞ୍ଚ କରିବ । ଏହି କମିଟିର ଅଧ୍ୟକ୍ଷତା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସଚିବ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ଭାରତ ସରକାର କରିବେ । ଏଥିରେ ସଚିବ, ନାଗରିକ ଉଡ୍ଡୟନ ମନ୍ତ୍ରଣାଳୟ, ଭାରତ ସରକାର, ଅତିରିକ୍ତ ସଚିବ, ଗୃହ ମନ୍ତ୍ରଣାଳୟ, ରାଜ୍ୟ ଗୃହ ମନ୍ତ୍ରଣାଳୟ, ଗୁଜରାଟ ସରକାରଙ୍କ ପ୍ରତିନିଧି, ପୋଲିସ ଡିଜି ସମେତ ଅନେକ ଅଧିକାରୀ ରହିବେ । ଏହି କମିଟି ସାଇଟ ନିରୀକ୍ଷଣ କରିବା ସହିତ ୩ ମାସ ମଧ୍ୟରେ ରିପୋର୍ଟ ଦେବ । ସୂଚନାଯୋଗ୍ୟ, ଗୁରୁବାର ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆନ୍ତର୍ଜାତିକ ବିମାନବନ୍ଦରରୁ ଲଣ୍ଡନ ଗାଟଉଇକ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ ଇଓ୧୭୧ ଟେକ୍-ଅଫ୍ କରିବାର କିଛି ମିନିଟ ମଧ୍ୟରେ ମେଘାନୀ ନଗର ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନଟି ଜନବସତି ଏବଂ ମେଡିକାଲ କଲେଜର ଛାତ ଉପରେ ପଡିଥିଲା । ଦୁର୍ଘଟଣାରେ ୨୬୫ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ସମଗ୍ର ଭାରତୀୟ ଦୁଃଖରେ ଭାଙ୍ଗିପଡିଛନ୍ତି । ଅହମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପରିବାରକୁ ଟାଟା ଗ୍ରୁପ୍ ୧ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛି । ଅହମ୍ମଦାବାଦର ବିମାନ ଦୁର୍ଘଟଣା ସମୟରେ ଆଖପାଖ ଅଞ୍ଚଳର ତାପମାତ୍ରା ୧୦୦୦ ଡିଗ୍ରୀ ସେଲସିୟସ ବଢି ଯାଇଥିଲା । ଏପରିକି କି ଏହି ତାପମାତ୍ରାରୁ ପକ୍ଷୀ ଏବଂ କୁକୁର ମଧ୍ୟ ବର୍ତ୍ତିପାରି ନଥିଲେ । ବିମାନରେ ପ୍ରାୟ ୧ ଲକ୍ଷ ୨୫ ହଜାର ଲିଟର ଇନ୍ଧନ ଥିଲା । ଦୁର୍ଘଟଣା ସମୟରେ ବିମାନରେ ଥିବା ଟ୍ୟାଙ୍କି ଫାଟିଯାଇଥିଲା । ଫଳରେ ଆଖପାଖର ତାପମାତ୍ରା ବଢ଼ିବାରେ ଲାଗିଥିଲା । ୧୦୦୦ ଡିଗ୍ରୀ ସେଲସିୟସ ଛୁଇଁଥିଲା ତାପମାତ୍ରା ।

## ମାତ୍ର ୪୨ ଦିନରେ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ କଲେଣି ବାବା କେଦାରନାଥଙ୍କ ଦର୍ଶନ



ନୂଆଦିଲ୍ଲୀ : ଉତ୍ତରାଖଣ୍ଡରେ ଚାରିଧାମ ଯାତ୍ରା ଚାଲିଛି । ପ୍ରତିଦିନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପହଞ୍ଚୁଛନ୍ତି । ଚାରଧାମ ଯାତ୍ରା ଆରମ୍ଭ ହେବାରୁ ଏଯାଏଁ କେବଳ କେଦାରନାଥ ଧାମରେ ୪୨ ଦିନରେ ୧୦ ଲକ୍ଷରୁ ଅଧିକ ଭକ୍ତ ବାବା କେଦାରଙ୍କ ଦର୍ଶନ କରି ରେକର୍ଡ ଭାଙ୍ଗିଛନ୍ତି । ପୁଷ୍କର ଧାମି ସରକାର ମଧ୍ୟ ଏଥର ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ଯେଉଁଥିପାଇଁ ତୀର୍ଥଯାତ୍ରୀଙ୍କ ଉତ୍ସାହ ମଧ୍ୟ ବୃଦ୍ଧି ପାଇଛି । ଖବର ମୁତାବକ, ମେ' ୨ରେ ବାବା କେଦାରନାଥଙ୍କ କପାଟ ଖୋଲାଯାଇଥିଲା । କପାଟ ଖୋଲିବା ଦିନରୁ ପ୍ରତିଦିନ ହଜାର ହଜାର ଭକ୍ତ ଧାମରେ ପହଞ୍ଚୁଛ ନ୍ତି। ପ୍ରଶାସନ ଦ୍ୱାରା ଏଥର ପ୍ରଥମ ଥର ପାଇଁ କାର୍ଯ୍ୟକାରୀ କରାଯାଇଥିବା ଟୋକନ୍ ବ୍ୟବସ୍ଥା ଦର୍ଶନ ପ୍ରକ୍ରିୟାକୁ ଆହୁରି ବ୍ୟବସ୍ଥିତ କରିଛି । ଏହା ସାହାଯ୍ୟରେ, ଭକ୍ତମାନେ କମ ସମୟରେ ମନ୍ଦିରର ଗର୍ଭଗୃହ ଦର୍ଶନ କରିପାରିବେ । ଚାରଧାମ ଯାତ୍ରାରେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଅନେକ ପ୍ରକାରର ବ୍ୟବସ୍ଥା କରାଯାଇଛି । ଏନେଇ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ କହିଛନ୍ତି ଯେ, କେଦାରନାଥ ଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ଏବଂ ସୁବିଧା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ପ୍ରଶାସନ ପଦଯାତ୍ରା ରାସ୍ତାରେ ଉନ୍ନତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସେବା ଯୋଗାଇ ଦେଉଛି । ଯାତ୍ରା ସମୟରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ମଧ୍ୟ କରାଯାଇଛି । ଯାହା ଦ୍ୱାରା ଭକ୍ତମାନେ ସୁରକ୍ଷିତ ଦର୍ଶନ କରିପାରିବେ। କେଦାରନାଥ ଧାମରେ ଭକ୍ତଙ୍କ ଭିଡ଼ ଲଗାତାର ବୃଦ୍ଧି ପାଉଛି। ଚାରଧାମ ଯାତ୍ରାକୁ ଆହୁରି ଚାରି ମାସ ବାକି ଅଛି । ତେଣୁ ଚଳିତବର୍ଷ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିଯାଇପାରେ ବୋଲି ଅନୁମାନ କରାଯାଉଛି ।

## ଅହମ୍ମଦାବାଦର ବିମାନ ଦୁର୍ଘଟଣାର ୨୮ ଘଣ୍ଟା ମଧ୍ୟରେ ଦ୍ୱିତୀୟ ବ୍ଲାକବକ୍ସ ଉଦ୍ଧାର

ଅହମ୍ମଦାବାଦ: ଆଉ ଏକ ବ୍ଲାକବକ୍ସ ଉଦ୍ଧାର । ଅହମ୍ମଦାବାଦର ବିମାନ ଦୁର୍ଘଟଣାର ୨୮ ଘଣ୍ଟା ମଧ୍ୟରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ ଉଦ୍ଧାର କରିଛି କରିଛି ବ୍ଲାକବକ୍ସ । ବି.ଜେ ମେଡିକାଲ କଲେଜ ହଷ୍ଟେଲର ଛାତ ଉପରୁ ମିଳିଛି । ଏବେ ଦ୍ୱିତୀୟ ବ୍ଲାକବକ୍ସ ମଧ୍ୟ ଉଦ୍ଧାର ହୋଇଥିବାରୁ ତଦନ୍ତରେ ଅଧିକ ସହାୟତ ହେବ । ଉଦ୍ଧାର ବ୍ଲାକବକ୍ସର ଡାଟା ଗୁଡ଼ିକୁ ଏନାଲିସିସ କରାଯାବି ଏବଂ ଦୁର୍ଘଟଣାର କାରଣ ଖୋଜାଯିବ । ବିମାନର ବେଗ, ଉଡୁଥିବା ଉଚ୍ଚତା, ଇଞ୍ଜିନର କାର୍ଯ୍ୟ, ପାଇଲଟ ଏବଂ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ମଧ୍ୟରେ କଥାବାର୍ତ୍ତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବ । ଅନ୍ୟପଟେ ବୋଇଂ ୭୮୭-୮/୯ ଫ୍ଲିଟରେ ଇଞ୍ଜିନ ପାଇଁ ଅତିରିକ୍ତ ସୁରକ୍ଷା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଡିଏଡଇ..ବୋଇଂ ୭୮୭ ଫ୍ଲିଟ ଇଞ୍ଜିନ ଯାଞ୍ଚ ପାଇଁ ନିର୍ଦ୍ଦେଶ । ପ୍ରାଥମିକ ତଦନ୍ତରେ ଇଞ୍ଜିନ, ଫ୍ଲାପ୍ସ ଏବଂ ଲ୍ୟାଣ୍ଡିଂ ଗିଅର ଉପରେ ଧ୍ୟାନ ଦିଆଯାଉଛି । ଇଞ୍ଜିନରେ ଶକ୍ତି ହ୍ରାସ କିମ୍ବା ସଫ୍ଟୱେର ତ୍ରୁଟି ଯୋଗୁ ଦୁର୍ଘଟଣା ହୋଇ ଥାଇପାରେ ବୋଲି ସନ୍ଦେହ କରାଯାଉଛି । ଘଟଣାସ୍ଥଳ ବୁଲି ଦେଖିଛନ୍ତି ଘଓଇ ଏବଂ ଅନ୍ୟ କେନ୍ଦ୍ରୀୟ ସଂସ୍ଥା । ସୁରକ୍ଷା ଏବଂ ସମ୍ଭାବ୍ୟ ଅନ୍ୟ ଦିଗକୁ ଅନୁସନ୍ଧାନ କରୁଛି ଟିମ୍ ।

# ଇସ୍ରାଏଲ-ଇରାନ ଯୁଦ୍ଧ ମଧ୍ୟରେ ଇଣ୍ଡିଗୋ ଜାରି କଲା ଆଡଭାଇଜରୀ




ନୂଆଦିଲ୍ଲୀ : ଇରାନ-ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତୀୟଙ୍କ ସମସ୍ୟା ହୋଇପାରେ । ଏଥିପାଇଁ ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ଯାତ୍ରୀଙ୍କ ପାଇଁ ଆଡଭାଇଜରୀ ଜାରି କରିଛି । ଯାତ୍ରା କରୁଥିବା ଲୋକ ବିମାନର ଷ୍ଟାଟସ ଚେକ୍ କରିବାକୁ ଅପିଲ କରାଯାଇଛି । ଇଣ୍ଡିଗୋ ତରଫରୁ କୁହାଯାଇଛି କି, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଯୋଗୁଁ ଇରାନ ଏୟାରସ୍ପେସ ଉପଯୋଗ କରାଯାଇପାରୁନାହିଁ । ତେଣୁ କିଛି ବିମାନର ରୁଟ୍ ପରିବର୍ତ୍ତନ କରାଯାଇଛି, ଆଉ କିଛି ବିମାନ ବିଳମ୍ବରେ ଚାଲୁଛି ।

ଇଣ୍ଡିଗୋ ତରଫରୁ ବିଦେଶ ଯାଉଥିବା ଯାତ୍ରୀଙ୍କୁ ଅପିଲ କରାଯାଇଛି ଯେ, ଘରୁ ବାହାରିବା ପୂର୍ବରୁ ନିଜର ଫ୍ଲାଇଟ ଷ୍ଟାଟସ ଚେକ୍ କରନ୍ତୁ । ତାଜା ଅପଡେଟ ଚେକ୍ କରି ଘରୁ ବାହାରନ୍ତୁ । ଆଡଭାଇଜରୀରେ ଅନୁସାରେ, ଅନେକ ବିମାନ ଯାତ୍ରାରେ ସମୟ ଲାଗିପାରେ । ଇଣ୍ଡିଗୋ ତରଫରୁ ଡ ରେ ଲେଖାଯାଇଛି, ଇରାନ ଏବଂ ଆଖପାଖରେ ଏୟାରସ୍ପେସ ଏବେ ଉପଲବ୍ଧ ନାହିଁ । କିଛି ବିମାନର ରୁଟ୍ ପରିବର୍ତ୍ତନ କରାଯାଇଛି, ଏଥିପାଇଁ ସମୟ ମଧ୍ୟ ଅଧିକ ହୋଇପାରେ, ଆଉ କିଛି ବିମାନ ବିଳମ୍ବରେ ଯାତ୍ରା କରିପାରିବେ । ଏୟାରପୋର୍ଟକୁ ବାହାରିବା ପୂର୍ବରୁ ଆମ ୱେବସାଇଟ କିମ୍ବା ମୋବାଇଲ ଆପରେ ନିଜର ଫ୍ଲାଇଟ ଷ୍ଟାଟସ ଚେକ୍ କରିବାକୁ ପରାମର୍ଶ । ଆମ ଟିମ୍ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ଉପଲବ୍ଧ । ଆପଣଙ୍କ ଧୈର୍ଯ୍ୟ ଏବଂ ସୁରକ୍ଷିତ ଯାତ୍ରା ପାଇଁ ଆମେ ସୁନିଶ୍ଚିତ ଚେଷ୍ଟା କରୁଛୁ । ଆପଣଙ୍କୁ କୌଣସି ପ୍ରକାରର ସମସ୍ୟା ନ ହେଉ । ଏୟାର ଇଣ୍ଡିଆ ପ୍ରଥମ ଦିନରେ ଆଡଭାଇଜରୀ ଜାରି କରି କହିଥିଲା, ଇସ୍ରାଏଲ-ଇରାନ ଯୁଦ୍ଧ ଯୋଗୁଁ ୧୬ଟି ବିମାନ ପ୍ରଭାବିତ ହୋଇଥିଲା । ଏହିସବୁ ବିମାନର ରୁଟ୍ ପରିବର୍ତ୍ତନ କରାଯାଇଛି ଏବଂ ଆଉ କିଛି ଭାରତକୁ ଫେରିଯାଇଛି ।

# ଜୁନ ୧୯ରେ ଲଞ୍ଚ ହେବ ଶୁଭାଂଶୁ ଶୁକ୍ଲାଙ୍କ ଆକ୍ସିଅମ-୪ ମିଶନ



ନୂଆଦିଲ୍ଲୀ : ଜୁନ ୧୯ରେ ଲଞ୍ଚ ହେବ ଶୁଭାଂଶୁ ଶୁକ୍ଲାଙ୍କ ଆକ୍ସିଅମ – ୪ ମିଶନ । ବୈଷୟିକ ତ୍ରୁଟି କାରଣରୁ ସ୍ଥଗିତ ରହିଥିଲା ମିଶନ । ଗତ ୧୧ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମିଶନ ସ୍ଥଗିତ ଘୋଷଣା ହୋଇଥିଲା । ଫାଲକାନ-୯ ରକେଟରେ ବୈଷୟିକ ତ୍ରୁଟି ଦେଖାଯିବାରୁ ମିଶନ ସ୍ଥଗିତ ରଖାଯାଇଥିଲା । ଲିକୁଇଡ୍ ଅକ୍ସିଜେନ୍ ଲିକ୍ ଭଳି ସମସ୍ୟା ଉପୁଜିଥିଲା । ସ୍ପେସ୍ -ଢ ଇଂଜିନିୟରମାନେ ଏହାର ମରାମତି କରିଛନ୍ତି । ଫ୍ଲୋରିଡାରେ ଥିବା ନାସାର କେନେଡି ସ୍ପେସ୍ ସେଣ୍ଟରରୁ ଉତକ୍ଷେପଣ ହେବ ସ୍ପେସ୍ -ଢ ଫାଲକନ୍ ୯ ରକେଟ । ପୂର୍ବରୁ ତିନି ଥର ଏହି ମିଶନକୁ ସ୍ଥଗିତ ରଖାଯାଇଥିଲା । ଏହି ମିଶନରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର-ଓଝଝକୁ ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପଟ୍ଟେନ ଶୁଭାଂଶୁ ଶୁକ୍ଲା ଯିବେ । ଇଢ-୪ ଏକ ୧୪ଦିନିଆ ମିଶନ । ମହାକାଶଚାରୀମାନେ ଓଝଝରେ ପ୍ରାୟ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରିବା ସହ ପ୍ରଯୁକ୍ତି ପ୍ରଦର୍ଶନ କରିବେ । ତେବେ ଇସ୍ରୋ ପକ୍ଷରୁ ଏହି ମିଶନରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ହେବ। ଭାରତର ଆଗାମୀ ଗଗନାୟାନ ମିଶନ ପାଇଁ ଇଢ-୪ ମିଶନ ପରୀକ୍ଷଣ ବେଶ ଗୁରୁତ୍ୱ ରଖୁଛି ।

## ହନିମୁନ୍ ମର୍ଡର କେସ୍, ରାଜାଙ୍କ ନିକଟତର ହେବା ପାଇଁ ସୋନମ ରଖିଥିଲେ ସର୍ତ୍ତ

ନୂଆଦିଲ୍ଲୀ : ବିବାହର ମାତ୍ର ୧୦ ଦିନ ପରେ ସ୍ୱାମୀଙ୍କୁ ହତ୍ୟା କରିଥିଲେ ସୋନମ ରଘୁବଂଶୀ । ବର୍ତ୍ତମାନ ସାମ୍ନାକୁ ଆସିଛି ଆଉ ଏକ ବଡ଼ ତଥ୍ୟ । ଯାହାକୁ ଶୁଣିଲେ ଆପଣ ବି ହୋଇଯିବେ ଆଶ୍ଚର୍ଯ୍ୟ । ତେବେ ଆସନ୍ତୁ ଜାଣିବା । ସ୍ୱାମୀଙ୍କୁ ହତ୍ୟା କରି ସୋନମ ରଘୁବଂଶୀ ଗିରଫ ହୋଇଛନ୍ତି । ମେଘାଳୟ ପୋଲିସ୍ କହିଛି ଯେ ସୋନମ ରାଜାଙ୍କ ସହିତ ହନିମୁନ୍ ପାଇଁ ନୁହେଁ ବରଂ ହତ୍ୟା ପାଇଁ ଶିଲଂ ଆସିଥିଲେ । ସୋନମ ଏହି ବିବାହରେ ଖୁସି ନଥିଲେ । ତେଣୁ ସେ ରାଜାଙ୍କୁ ତାଙ୍କ ପାଖକୁ ଲଗାତାର ବାଧା ଦେଉଥିଲେ । ଏକ ରିପୋର୍ଟ ଅନୁଯାୟୀ କୁହାଯାଇଛି ଯେ ରାଜାଙ୍କୁ ତାଙ୍କ ପାଖକୁ ଆସିବାରୁ ରୋକିବା ପାଇଁ ସେ କାମାକ୍ଷା ଦେବୀଙ୍କୁ ଭେଟିବା ପାଇଁ ଏକ ସର୍ତ୍ତ ରଖିଥିଲେ । ବିବାହ ପରେ ସୋନମ ରାଜାଙ୍କ ସହିତ ତାଙ୍କ ଶ୍ୱଶୁର ଘରେ ମାତ୍ର ୪ ଦିନ ରହିଥିଲେ । ଏହା ପରେ ସେ ତାଙ୍କ ବାପ ଘରକୁ ଚାଲିଯାଇଥିଲେ । ଏକ ରିପୋର୍ଟ ଅନୁଯାୟୀ କୁହାଯାଇଛି ଯେ, ସୋନମ ତାଙ୍କ ଶ୍ୱଶୁର ଘରେ ରହିବା ସମୟରେ ତାଙ୍କ ପ୍ରେମିକ ରାଜଙ୍କୁ ମେସେଜ୍ କରିଥିଲେ ଯେ ତାଙ୍କୁ ରାଜାଙ୍କ ସମ୍ପର୍କ ପସନ୍ଦ ନୁହେଁ । ରାଜା ଏବଂ ସୋନମ ମେ ୧୧ରେ ବିବାହ କରିଥିଲେ । ଏଥି ସହ ଉଭୟ ୨୦ ମେରେ ସୋମାନଙ୍କ ହନିମୁନ୍ ପାଇଁ ବାହାରିଥିଲେ ।

ରାଜା ଏହି ହନିମୁନ୍ ଯିବା ପାଇଁ ପ୍ରସ୍ତୁତ ନଥିଲେ । କିନ୍ତୁ ସୋନମ ହିଁ ରାଜାଙ୍କୁ ହନିମୁନରେ ଯିବାକୁ ରାଜି କରାଇଥିଲେ ଏବଂ ତାଙ୍କୁ ନକହି ଟିକେଟ୍ ମଧ୍ୟ ବୁକ୍ କରିଥିଲେ । ଅଭିଯୋଗ ଅନୁଯାୟୀ, ସୋନମ ରାଜାଙ୍କୁ କହିଥିଲେ ଯେ ସେ ପ୍ରଥମେ କାମାକ୍ଷା ଦେବୀଙ୍କ ଦର୍ଶନ କରିବେ ଏବଂ ତା'ପରେ ହିଁ ସେ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବେ । ସୋନମ ହତ୍ୟା ପାଇଁ ଏବଂ ଚୁକ୍ତିନାମା ହତ୍ୟାକାରୀମାନେ ସେଠାରେ ପହଞ୍ଚିବା ପାଇଁ ପ୍ରସ୍ତୁତିରେ ସମୟ ବିତାଇବାକୁ ଚାହୁଥିଲେ । ଏହା ବ୍ୟତୀତ, ସେ ରାଜାଙ୍କୁ ତା଼ଙ୍କ ସହିତ ସମ୍ପର୍କ ରଖିବାରୁ ମଧ୍ୟ ରୋକିବାକୁ ଚାହୁଁଥିଲେ ଏବଂ ଏଥିପାଇଁ ଅନେକ ବାହାନା ମଧ୍ୟ କରୁଥିଲେ । ସୋମବାର ଦିନ ୟୁପିର ଗାଜିପୁରରେ ଗିରଫ ହେବା ପରେ, ଶିଲଂ ପୋଲିସ ସୋନମଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡର ନେଇଛି । ସୋନମ ତାଙ୍କ ପ୍ରେମିକ ରାଜା ଏବଂ ମନ୍ୟ ତିନି ଯଭିଯୁକ୍ତଙ୍କୁ ମୁହାଁମୁହିଁ ପଚରାଉଚରା କରାଯିବ, ଯାହା ପରେ ସମ୍ପୂର୍ଣ୍ଣ ସତ୍ୟ ବାହାରକୁ ଆସିପାରିବ । ଅଭିଯୋଗ ହୋଇଛି ଯେ ସୋନମ ତାଙ୍କ ପ୍ରେମିକ ରାଜଙ୍କ ସହିତ ମିଶି ତାଙ୍କ ସ୍ୱାମୀଙ୍କୁ କିଛି କରିବାକୁ ବାଧ କରିଥିଲେ । ରାଗ ସୋମନଙ୍କ ଭାଇଙ୍କ କମ୍ପାନୀରେ କାମ କରୁଥିଲେ ଯେଉଁଠାରେ ସୋନମ ମଧ୍ୟ ଯିବା ଆସିବା କରୁଥିଲେ । ଏହି ସମୟ ମଧ୍ୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିନ୍ତୁ ପରିବାର ସୋନମଙ୍କୁ ରାଜାଙ୍କ ସହିତ ବିବାହ କରିଥିଲେ ।

# ବଢୁଛି କରୋନା ମାମଲା, ୨୪ ଘଣ୍ଟାରେ ୯ ମୃତ, ପଞ୍ଜାବ ଜାରି କଲା ଆଡଭାଇଜରୀ




ନୂଆଦିଲ୍ଲୀ : ଦେଶରେ ପୁଣି ଥରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଭାରତରେ ବର୍ତ୍ତମାନ ମୋଟ ୭୪୦୦ଆକ୍ଟିଭ୍ ମାମଲା ପଞ୍ଜିକୃତ ହୋଇଛି । ରାଜସ୍ଥାନରେ ଜଣେ ୭୦ ବର୍ଷୀୟା ଏବଂ କେରଳରେ ଜଣେ ୮୨ ବର୍ଷୀୟ ବୃଦ୍ଧ କୋଭିଡ୍ ଯୋଗୁଁ ମୃତ୍ୟୁବରଣ କରିଛନ୍ତି । ତେବେ ଗତ ୨୪ ଘଣ୍ଟାରେ ୯ ଜଣଙ୍କର ଜୀବନ ଯାଇଥିବା ଖବର ମିଳିଛି । ପଞ୍ଜାବରେ ଏଯାଏଁ ୨୯ କରୋନା ମାମଲା ଦେଖିବାକୁ ମିଳିଛି । ବଢୁଥିବା ମାମଲା ଦେଖି ପଞ୍ଜାବ ସରକାର ଆଡଭାଇଜରୀ ଜାରି କରିଛନ୍ତି । ଲୋକମାନଙ୍କୁ ଭିଡ଼ ଜାଗାକୁ ଯିବାକୁ ମନା କରାଯାଇଥିବା ବେଳେ ସ୍ୱାସ୍ଥ୍ୟକର୍ମୀଙ୍କୁ ମାସ୍କ ପିନ୍ଧିବାକୁ କୁହାଯାଇଛି । କରୋନାକୁ ନେଇ ଲୋକମାନେ ସତର୍କତା ଅବଲମ୍ବନ କରନ୍ତୁ ବୋଲି କେନ୍ଦ୍ର ସରକାର ପରାମର୍ଶ ଦେଇଛି । ଯଦି କୌଣସି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ନିରୀକ୍ଷା କରିବାକୁ କୁହାଯାଇଛି । କେରଳରେ ୨୧୦୯ ରୋଗୀ ନିଶ୍ଚିତ ହୋଇଛନ୍ତି ଏବଂ ଗୁଜୁରାଟରେ ୧୪୩୭ ରୁ ଅଧିକ ସଂକ୍ରମିତ ହୋଇଛନ୍ତି । ଦିଲ୍ଲୀରେ ୬୭୨, ମହାରାଷ୍ଟ୍ରରେ ୬୧୩, ତାମିଲନାଡୁରେ ୨୩୨, ପଶ୍ଚିମବଙ୍ଗରେ ୭୪୭, ଛତିଶଗଡ଼ରେ ୫୦ ଏବଂ ଆନ୍ଧ୍ରପ୍ରଦେଶରେ ୧୦୨, ରାଜସ୍ଥାନ ୧୮୦, କର୍ଣ୍ଣାଟକରେ ୫୨୭, ଉତ୍ତରପ୍ରଦେଶରେ ୨୪୮ ଆକ୍ରାନ୍ତ ରହିଛନ୍ତି । ତେବେ ୨୪ ଘଣ୍ଟା ମଧ୍ୟରେ ୧୧୦ ମାମଲା ହ୍ରାସ ପାଇଛି । ଏପର୍ଯ୍ୟନ୍ତ ୧୦,୯୭୬ ଲୋକ ସୁସ୍ଥ ହୋଇଛନ୍ତି । ଦେଶରେ ମୋଟ୍ ଏଯାଏଁ ୭୮ ଲୋକଙ୍କର କରୋନାରେ ମୃତ୍ୟୁ ହୋଇଛି ।

କେରଳରେ ଜଣେ ୮୨ ବର୍ଷୀୟ ବୃଦ୍ଧଙ୍କର କରୋନା ଯୋଗୁଁ ମୃତ୍ୟୁ ହୋଇଛି । ରିପୋର୍ଟ ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ଟାଇପ୍-୧ ରେସ୍ପିରେଟରି ଫେଲିୟର, ଏକ୍ୟୁଟ୍ ଏନସେଫାଲୋପାଥି ଏବଂ କୋଭିଡ୍ ନିମୋନିଆ ମଧ୍ୟ ଥିଲା । ଏଥିମଧ୍ୟରୁ ସର୍ବାଧିକ କେରଳ ଏବଂ ଗୁଜରାଟରୁ ମାମଲାର ରିପୋର୍ଟ ଆସିଛି ।

ଔଘ.୧ ପ୍ରକାରର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହା ଲୋକଙ୍କ ମଧ୍ୟରେ ବହୁତ ଶୀଘ୍ର ବ୍ୟାପିଥାଏ । ଏଥିରେ ଏକ ଅତିରିକ୍ତ ପରିବର୍ତ୍ତନ ଅଛି ଯାହା ଏହାକୁ କୋଷଗୁଡ଼ିକରେ ପ୍ରବେଶ କରିବାରେ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିବାରେ ସାହାଯ୍ୟ କରିଥାଏ । ଔଘ.୧ ପ୍ରକାର ଏତେ ବିପଜ୍ଜନକ ନୁହେଁ ଏବଂ ଲୋକଙ୍କୁ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଅନେକ ଡାକ୍ତର କହିଛନ୍ତି ।

